## ସଂକ୍ଷେପରେ

### ଏମ୍‌ସରେ ସ୍ଥାପନ ହେବ 'ବ୍ରେନ୍ ବ୍ୟାଙ୍କ୍'

**ଭୁବନେଶ୍ୱର, ୨୬।୯(ବ୍ୟୁରୋ):** ଭୁବନେଶ୍ୱର ଏମ୍‌ସ ପରିସରରେ ଖୁବ୍‌ଶୀଘ୍ର ଏକ 'ବ୍ରେନ୍ ବ୍ୟାଙ୍କ୍' ସ୍ଥାପନ କରାଯିବ। ଏ ନେଇ ରବିବାର ଏମ୍‌ସ ନିର୍ଦ୍ଦେଶିକା ପ୍ରଫେସର ଗୀତାଞ୍ଜଳି ବ୍ୟାଟମାନବେନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୂର୍ବାଞ୍ଚଳରେ ଏହା ପ୍ରଥମ ହେବ ଏବଂ ସ୍ନାୟୁ ବିଜ୍ଞାନରେ ଗବେଷଣା ବୃଦ୍ଧିରେ ସହାୟକ ହେବ। ତେବେ ଏମ୍‌ସ ଭୁବନେଶ୍ୱରର ପାଥୋଲୋଜି ଓ ଲାବୋରେଟୋରୀ ମେଡିସିନ ବିଭାଗ ଏହି ସାଟେଲାଇଟ୍ ବ୍ରେନ୍ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ୍ ନ୍ୟୁରୋ ସାଇନ୍ସେସ୍ (NIMHANS) ସହଯୋଗରେ ଇଣ୍ଡିଆନ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍)ଠାରୁ ଅର୍ଥ ଗ୍ରହଣ କରିଛି। ସୂଚନାଯୋଗ୍ୟ, ଏହି ବ୍ରେନ୍ ବ୍ୟାଙ୍କରେ ମୃତ ବ୍ୟକ୍ତିଙ୍କ ମସ୍ତିଷ୍କ ସଂଗ୍ରହ ସହ ସଂରକ୍ଷଣ ରଖାଯିବ।

### ବାଲି ତଳୁ ନବଜାତକଙ୍କ ମୃତଦେହ ମିଳିଲା

**ବାରଙ୍ଗ,୨୬।୯(ଡି.ଏନ୍.ଏ.):** କୁଆଖାଇ ନଦୀପଠା ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆର ବାଲି ତଳୁ ରବିବାର ଏକ ନବଜାତକର ମୃତଦେହକୁ ମଞ୍ଚେଶ୍ୱର ଥାନା ପୋଲିସ ଜବତ କରିଛି। ମୃତ୍ୟୁ ପରେ କେହି ଏଠାରେ ପୋତିଦେଇ ଚାଲିଯାଇଥିବା ପୋଲିସ ଅନୁମାନ କରୁଛି। ତେବେ ଏହି ମୃତ୍ୟୁସ୍ୱାଭାବିକ ନା ହତ୍ୟା ତାହାକୁନେଇ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉକି, ବରିମୁଣ୍ଡ ଗ୍ରାମ ନିକଟ ବାଲିଯାତ୍ରା ପଡ଼ିଆରେ ରବିବାର ପୂର୍ବାହ୍ନରେ ଜଣେ ନବଜାତ ଶିଶୁର ମୃତଦେହ ବାଲିରେ ପୋତା ଯାଇଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ବର୍ଷାରେ ବାଲି ଧୋଇ ହୋଇଯିବାରୁ ଶିଶୁଟିର ମୃତଦେହ ଉପରକୁ ଦେଖାଯାଇଥିଲା। ଶିଶୁଟି ଚାରିରୁ ପାଞ୍ଚ ଦିନର ହୋଇଥିବା ଅନୁମାନ କରାଯାଉଛି। ମଞ୍ଚେଶ୍ୱର ଥାନା ପୋଲିସ ମୃତଦେହ ଜବତ କରି ନଂ.୬୪/୨୧ ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।

### ଚାଷୀଙ୍କ ପାଇଁ ଖୋଲିଲା କଣ୍ଟ୍ରୋଲ ରୁମ୍

**ଭୁବନେଶ୍ୱର, ୨୬।୯(ବ୍ୟୁରୋ):** ବାତ୍ୟା 'ଗୁଲାବ' ମୁକାବିଲା ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏଥିସହ ଯୋଗାଯୋଗ ପାଇଁ ଟେଲିଫୋନ୍ ନଂ.(୦୬୭୪) ୨୩୯୩୯୫୮ ଜାରି କରାଯାଇଛି। ସ୍ୱତନ୍ତ୍ର ସଚିବ ବିଶ୍ୱମୋହନ ରାୟଙ୍କ ଅଫିସ୍ ଚାମ୍ବରରେ ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ୨୪ ଘଣ୍ଟିଆ କାର୍ଯ୍ୟ କରିବ। କଣ୍ଟ୍ରୋଲ ରୁମ୍ ପାଇଁ ଦୁଇ ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବିପର୍ଯ୍ୟୟ ପରିଚାଳନା ପାଇଁ ବିଶ୍ୱମୋହନ ରାୟଙ୍କୁ ନୋଡାଲ ଅଫିସର ଏବଂ ଯୁଗ୍ମ ସଚିବ ମନୋଜ ବେହେରାଙ୍କୁ କଣ୍ଟ୍ରୋଲ ରୁମ୍ ନୋଡାଲ ଅଫିସର ଦାୟିତ୍ୱ ଦିଆଯାଇଛି। ମନୋଜ ବେହେରା ଏସ୍ଆର୍‌ସି ଅଫିସ୍ ଏବଂ ବିଭିନ୍ନ ବିଭାଗ ସହ ଯୋଗାଯୋଗରେ ରହିବେ। ଏଥିସହ କୌଣସି ଅଧିକାରୀଙ୍କୁ ଛୁଟି କିମ୍ବା ହେଡକ୍ୱାର୍ଟର୍ସ ନ ଛାଡ଼ିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି କୃଷି ବିଭାଗ ମଧ୍ୟ ଏକ କଣ୍ଟ୍ରୋଲ ରୁମ୍ ଖୋଲିଛି। ଏହା ସୋମବାର ପର୍ଯ୍ୟନ୍ତ କୃଷି ଭବନରେ କାର୍ଯ୍ୟ କରିବ।

### ୧୦ ଲକ୍ଷ ଠକି ନେଲେ ମହିଳା

**ନିମାପଡ଼ା,୨୬।୯(ଡି.ଏନ୍.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ଦେଖେତା ଗ୍ରାମର ଜଣେ ମହିଳା ଗ୍ରାମର ବିଭିନ୍ନ ଲୋକଙ୍କଠାରୁ ପ୍ରାୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ରବିବାର ଅଭିଯୋଗ ହୋଇଛି। ତେବେ ଉକ୍ତ ଗ୍ରାମର ଦୀପକ କୁମାର ନାୟକଙ୍କଠାରୁ ଧାରସୁତ୍ର, ଅସୁବିଧା ଥିବା କହି ୬ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ଉକ୍ତ ମହିଳାଙ୍କ ବିରୋଧରେ ଦଫା ନଂ.୪୨୦, ୨୯୪, ୫୦୬ରେ ଏକ ମାମଲା (ନଂ.୩୩୬/୨୧) ରୁଜୁ କରି ତଦନ୍ତ ଚଳାଇଛି। ସେହିଭଳି ଗ୍ରାମର ରଶ୍ମିରଞ୍ଜନ ନାୟକଙ୍କଠାରୁ ୧ଲକ୍ଷ ଟଙ୍କା, ପ୍ରତାପ ସ୍ୱାଇଁଙ୍କଠାରୁ ୨ଲକ୍ଷ, ତୋଫାନ ସେଠୀଙ୍କଠାରୁ ୮୫ହଜାର, ଅନ୍ୟ ଜଣେ ପ୍ରତାପଙ୍କଠାରୁ ୩୦ହଜାର ଟଙ୍କା ବିଭିନ୍ନ ପ୍ରକାରର କଥା କହି ନେଇଯାଇଥିବା ସେମାନେ ନିଜ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏପରିକି ଟଙ୍କା ମାଗିବାକୁ ଯିବାବେଳେ ମହିଳା ଜଣକ ଧମକ ଦେଉଥିବା ମଧ୍ୟ ଅଭିଯୋଗକାରୀମାନେ କହିଛନ୍ତି। ତେଣୁ ଉକ୍ତ ମହିଳାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି।

# ଅଧିକାର ପାଇଁ ଦାବି କରିବାରୁ ନାଲିଆଖି

**ଯାଜପୁର ଅଫିସ,୨୬।୯**

ପ୍ରଶାସନିକ ଅବହେଳା ଏବଂ କେତେଜଣ ପ୍ରଭାବଶାଳୀଙ୍କ ଅମାନବୀୟ ବ୍ୟବହାର ଖଣି ପ୍ରଭାବିତ ଲୋକଙ୍କୁ ଆନ୍ଦୋଳନମୁଖୀ କରିଛି। ଏଭଳି ଅବସ୍ଥା ଏବେ ଯାଜପୁର ଜିଲାର ସୁକିନ୍ଦା ଖଣି ଅଞ୍ଚଳରେ ଦେଖିବାକୁ ମିଳିଛି। ଅଞ୍ଚଳବାସୀ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ରହୁଛନ୍ତି। ଆବାସ ଯୋଜନାରେ ଘର, ଜବ୍‌କାର୍ଡ, ଲେବର କାର୍ଡ, କାଳିଆ ସମେତ କେତେକ କୃଷି ଯୋଜନାର ସୁବିଧା, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ଆଦି ପାଇବା ଲୋକଙ୍କ ହକ୍ ରହିଛି। ହେଲେ ଏହି ଅଧିକାର ପାଇଁ ଦାବି କରିବାରୁ ଲୋକଙ୍କୁ ନାଲିଆଖି ଦେଖାଯାଉଛି। ଏପରିକି ସୁକିନ୍ଦା ବ୍ଲକ ବେଣାଗାଡିଆ ଗ୍ରାମର ୧୬ ଜଣ ମହିଳାଙ୍କ ନାମରେ ଆଇପିସି ଦଫା ୧୦୭(ଶାନ୍ତି ଭଙ୍ଗ ଆଶଙ୍କା) ଅନୁଯାୟୀ ମାମଲା ହୋଇଛି।

ସୁକିନ୍ଦା ଓ କେନ୍ଦୁଝର ଜିଲାରେ ଥିବା ଖଣି ଖାଦାନରେ ଶ୍ରମିକମାନେ କାମ କରି ନିଜର ଜୀବିକା ନିର୍ବାହ କରିଥାନ୍ତି। ତେବେ ୨୦୦୦ ପରଠାରୁ ଖଣି, ଶିଳ୍ପ ଓ ରେଲୱେ ସାଇଡିଂଗୁଡ଼ିକରେ ଅଧିକାଂଶ ଯାନ୍ତ୍ରିକ ବ୍ୟବହାର ଯୋଗୁ ବହୁ ଖଣି ପ୍ରଭାବିତ ଲୋକ ବୃତ୍ତି ହରାଇ ଭୋକଉପାସରେ ରହୁଛନ୍ତି। ଖଣି ପ୍ରଭାବିତ ଗ୍ରାମଗୁଡ଼ିକରେ ବିଭିନ୍ନ ସରକାରୀ ଯୋଜନା ଅପହଞ୍ଚ ହୋଇରହିଛି। ଏନେଇ ପ୍ରଭାବିତ ଗ୍ରାମବାସୀ ଜିଲା ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ବାରମ୍ବାର ନିରାଶ ହୋଇଛନ୍ତି। ପ୍ରାୟ ୫୦୦୦ ଲୋକ ବସବାସ କରୁଥିବା ବେଣାଗାଡିଆ ନାଏକସାହିର ମହିଳାମାନେ ଗତ ଏପ୍ରିଲରେ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେବାକୁ ବିଡିଓଙ୍କୁ ଲିଖିତ ଭାବେ ନିବେଦନ କରିଥିଲେ। ଉକ୍ତ ମହିଳାମାନଙ୍କ କହିବା ଅନୁସାରେ ଆବାସ ଯୋଜନାରେ ବାସଗୃହ, ଜବ୍‌କାର୍ଡ, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ଆଦି ଯୋଜନାରୁ ଗ୍ରାମବାସୀ ବଞ୍ଚିତ ରହିଛନ୍ତି। ଖଣି ଖାଦାନ ଭରା ଏହି ଅଞ୍ଚଳରେ ରୋଜଗାର ପାଇଁ କୌଣସି ସୁବିଧା ଦିଆଯାଉ ନାହିଁ। ତେଣୁ ପରିବାରର ମୁରବୀମାନେ ବାହାର ଅଞ୍ଚଳକୁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି। ପାନୀୟ ଜଳ ପାଇଁ ୧ କିମି ଦୂରକୁ ଯିବାକୁ

### ୧୬ ଜଣ ମହିଳାଙ୍କ ବିରୋଧରେ ୧୦୭ ଦଫା

ପଡୁଛି। ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସମ୍ପୃକ୍ତ ଅଞ୍ଚଳର ଜଣେ ନେତ୍ରୀ ଗତ ମେ ୧୬ ତାରିଖରେ ବେଣାଗାଡିଆକୁ ଯାଇ ମହିଳାମାନଙ୍କୁ ଧମକଚମକ ଦେଇଥିଲେ। କାହିଁକି ଗଣମାଧ୍ୟମରେ ଏହିସବୁ ଖବର ଦେଉଛ ବୋଲି ସେ ତାଗିଦ କରିଥିଲେ। ଏହାପରେ ଗ୍ରାମର ମହିଳା ଓ ନାରୀ ନେତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା, ଯାହାକି ସୁକିନ୍ଦା ଥାନା ପର୍ଯ୍ୟନ୍ତ ଯାଇଥିଲା। ସୁକିନ୍ଦା ଥାନାଧିକାରୀ ଗତ ମେ ୨୨ରେ ମାମଲାର ସମାଧାନ କରିବାକୁ ଉଭୟ ପକ୍ଷଙ୍କୁ ଡାକିଥିଲେ। ମହିଳାମାନେ ସେହିଦିନ ଥାନାକୁ ଯାଇଥିବାବେଳେ ନାରୀନେତ୍ରୀଙ୍କ ଦେଖା ମିଳି ନ ଥିଲା। କିନ୍ତୁ ଦାବି ହାସଲ ନିମନ୍ତେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ମହିଳାମାନଙ୍କ ସ୍ୱରକୁ ଚପାଇ ଦେବାକୁ ପୋଲିସ ପ୍ରଶାସନ ଅଭିନବ ଉପାୟ ଅବଲମ୍ବନ କରିଛି। ବେଣାଗାଡିଆର ମିନତି ମହନ୍ତ, ଦମୟନ୍ତୀ ମହନ୍ତ, ପେଣ୍ଟୁ ନାଏକ, କୁନି ମହନ୍ତ, ଭାନୁମତି ମହନ୍ତ, ନନ୍ଦିତା ନାଏକ, ଯତି ନାଏକ, ଭାନୁ ନାଏକ, ମୀରା ନାଏକ, ନୟନ୍ତୀ ନାଏକ, ବନିତା ନାଏକ, ଡଲି ନାଏକ, ଟୁନି ନାଏକ, ତପି ନାଏକ, ଚେର ନାଏକ ଏବଂ ଖରଖରି ଗ୍ରାମର ସୁକାନ୍ତି ନାଏକଙ୍କ ବିରୋଧରେ ଆଇପିସି ଦଫା ୧୦୭ ଲଗାଯାଇ ମାମଲା ରୁଜୁ ହୋଇଛି। ଆସନ୍ତା ୨୯ ତାରିଖ ସୁଦ୍ଧା ସୁକିନ୍ଦା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ହୋଇଛି। ଭାନୁମତି ଓ ସୁକାନ୍ତି କହିଛନ୍ତି, ସରକାରୀ ଯୋଜନାରେ ସାମିଲ କରିବାକୁ ସେମାନେ ଶାନ୍ତିପୂର୍ଣ୍ଣ ଭାବେ ବିଡିଓଙ୍କୁ ଆବେଦନପତ୍ର ଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କୁ ଧମକ ଦିଆଯାଇଥିଲା। ପୂର୍ବରୁ ଖଣି ସମ୍ପ୍ରସାରଣ ସମୟରେ ପ୍ରଥମେ ନିଯୁକ୍ତି ଓ ପାରିପାର୍ଶ୍ୱିକ ବିକାଶ ପାଇଁ ଦାବି କରିଥିବାରୁ ସେମାନଙ୍କ ନାମରେ ଅନୁରୂପ ଭାବେ ୧୦୭ ଦଫା ଲାଗିଥିଲା। ଏଭଳି ଉପାୟରେ ସେମାନଙ୍କ ସ୍ୱରକୁ ଚାପି ଦେବାକୁ ଉଦ୍ୟମ ହେଉଛି ବୋଲି ସେମାନେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୋତା ଶାଳ, ଉଭା ତାଳ,**
**ରୁଅ ହେନ୍ତାଳ, ବତା ବଂଶାଳ,**
**ଗଣ୍ଡି ବେତାଳ, ଘରଣୀ ଚେତାଳ,**
**ତେବେ ସେ ଘର ଯାଏ ଅପାରକାଳ।**

ଯେଉଁ କମାର ଶାଳରେ ପୋତା ଯାଇଥିବା ମଜଭୁତ ଶାଳ ଉପରେ ଲୁହା ପିଟାଯାଏ ତାହାକୁ ପୋତା ଶାଳ କୁହାଯାଏ। ଘରର ଖୁଣ୍ଟ, ସେଣି, ରୁଅ ଇତ୍ୟାଦି ମଜଭୁତ ହେଲେ ଘର ଦୀର୍ଘସ୍ଥାୟୀ ହୋଇଥାଏ। ସେହିପରି ଘରଣୀ ଦୂରଦୃଷ୍ଟି ସମ୍ପନ୍ନ ହୋଇଥିଲେ ଘରର ଉନ୍ନତି ଘଟିବା ଥୟ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପଙ୍କକୁ ଯିବି କାହିଁକି**
**ଗୋଡ଼ ଧୋଇବି କାହିଁକି?**

ପଙ୍କ କାଦୁଅରେ ପଶିଲେ ଗୋଡ଼ ଅସନା ବା ମଇଳା ହୋଇଯାଏ। ଫଳରେ ଗୋଡ ଧୋଇବାକୁ ପଡିଥାଏ। ପରୋକ୍ଷରେ ପର ଅଡୁଆ ଭିତରେ ପଶିଲେ ବେଳେ ବେଳେ ସେଥିରେ ଛନ୍ଦି ହୋଇଯିବାର ଭୟ ବା ଆଶଙ୍କା ରହିଥାଏ। ତେଣୁ ଅନ୍ୟ କଥାରେ ଅଯଥା ମୁଣ୍ଡ ପୂରେଇବା ବା ନ ଖେଳେଇବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

### ନନ୍ଦନକାନନରେ ବନେଟ ମାଙ୍କଡ଼ ମୃତ

**ବାରଙ୍ଗ,୨୬।୯(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଏକ ବନେଟ ମାଙ୍କଡ଼ର ରବିବାର ମୃତ୍ୟୁ ହୋଇଛି। ୫୭ନଂ ଏନକ୍ଲୋଜରରେ ଅନ୍ୟମାନଙ୍କ ସହ ଏହି ୫ବର୍ଷର ମାଙ୍କଡ ରହୁଥିଲା। ଗତ ଦୁଇଦିନ ତଳେ ଦେହ ଖରାପ ହୋଇଯିବାରୁ ତାକୁ ଡାକ୍ତରଖାନାକୁ ଅଣାଯାଇଥିଲା। ମାଙ୍କଡ଼ଟିର ଧନୁଷ୍ଟଙ୍କାର ରୋଗ ଭଳି ହାତଗୋଡ ସିଧା ହୋଇଯାଇ ନିସ୍ତେଜ ହୋଇଯାଇଥିଲା।

## ପିକ୍‌କ ଭ୍ୟାଲିକୁ ଇକୋ-ଟୁରିଜମ୍ ମାନ୍ୟତା ଦାବି



**ପୁରୁଣାଭୁବନେଶ୍ୱର,୨୬।୯(ଡି.ଏନ୍.ଏ.)**

ପ୍ରତିବର୍ଷ ସେପ୍ଟେମ୍ବର ୨୭ରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଇଥାଏ। ସାମାଜିକ, ସାଂସ୍କୃତିକ, ଆର୍ଥିକ କ୍ଷେତ୍ରରେ ବିକାଶ ତଥା ପାରସ୍ପରିକ ସମ୍ପର୍କ ବୃଦ୍ଧି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି ଯାହା ଏପର୍ଯ୍ୟନ୍ତ ସରକାରୀସ୍ତରରେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇନାହିଁ। କଟକ ଜିଲା ନରାଜ ରୋଡ ରାସ୍ତାର ତଳଗର ନିକଟରେ ରହିଛି ପିକ୍‌କ ଭ୍ୟାଲି। ଏହା ପର୍ଯ୍ୟଟକଙ୍କ ଆକର୍ଷଣୀୟ କେନ୍ଦ୍ରବିନ୍ଦୁ ପାଲଟିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଇକୋଟୁରିଜମ୍ ପ୍ରକଳ୍ପ ବିକଶିତ ହେଉଥିବା ବେଳେ ଏହି ଅଞ୍ଚଳ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି। ଇକୋ ଟୁରିଜମ୍‌ରେ ନୂଆ ସମ୍ଭାବନା ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରାଯାଉଛି। ପରିବେଶ ସୁରକ୍ଷା ଓ ପରିବେଶ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏହାର ମୂଳଲକ୍ଷ୍ୟ। ଏହି ପିକ୍‌କ ଭ୍ୟାଲିକୁ ସରକାରୀସ୍ତରରେ ଇକୋ ଟୁରିଜମ୍‌ର ମାନ୍ୟତା ଦିଆଗଲେ ମୟୂରର ସୁରକ୍ଷା ସହ ଏହାର ବଂଶ ବୃଦ୍ଧିରେ ବେଶ୍ ସହାୟକ ହୋଇପାରିବ ବୋଲି ପରିବେଶବିତ୍ ସୁଶାନ୍ତ ସାହୁ କହିଛନ୍ତି। ଏଥିସହ ରାଜ୍ୟର ରାଜସ୍ୱ ବୃଦ୍ଧି ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହୋଇପାରିବ। ଏନେଇ ପରିବେଶବିତ୍ ସାହୁ ରାଜ୍ୟର ମୁଖ୍ୟମନ୍ତ୍ରୀ, ଜଙ୍ଗଲ ବିଭାଗୀୟ ମନ୍ତ୍ରୀ ଏବଂ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ପିକ୍‌କ ଭ୍ୟାଲିକୁ ଇକୋ-ଟୁରିଜମ୍‌ର ମାନ୍ୟତା ଦେବା ପାଇଁ ଦାବି କରିଛନ୍ତି।

## ପିପିଲି ଉପନିର୍ବାଚନ

# ଆଜି ପ୍ରଚାରର ଶେଷ ଦିନ

**ପିପିଲି/ଡେଲାଙ୍ଗ,୨୬।୯ (ସ୍ୱ.ପ୍ର./ଡି.ଏନ୍.ଏ.)**

ପିପିଲି ଉପନିର୍ବାଚନ ପାଇଁ ସୋମବାର ପ୍ରଚାର ଶେଷ ହେଉଛି। ୩୦ ତାରିଖରେ ମତଦାନ ଥିବାବେଳେ ୨୭ ତାରିଖ ସନ୍ଧ୍ୟାରେ ପ୍ରଚାର ଶେଷ କରିବାକୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ରହିଛି। ସମୟ କମ୍ ଥିବାରୁ ସବୁ ରାଜନୈତିକ ଦଳବରିଷ୍ଠ ନେତା ଓ କର୍ମକର୍ତ୍ତା ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ଶାସକ ବିଜେଡି, ଭାଜପା ଓ କଂଗ୍ରେସର ଷ୍ଟାର୍ ପ୍ରଚାରକ ବିଭିନ୍ନ ପଞ୍ଚାୟତ ବୁଲି ସଭା ଓ ପ୍ରଚାର ଜାରି ରଖିଛନ୍ତି। ରବିବାର ବର୍ଷା ସତ୍ତ୍ୱେ ପ୍ରାର୍ଥୀ ଓ ଦଳୀୟ ନେତାମାନେ ଖାତିର ନ କରି କର୍ମୀଙ୍କ ସହ ପ୍ରଚାରରେ ଲାଗି ପଡିଥିଲେ। ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ ଦଳୀୟ କାର୍ଯ୍ୟାଳୟ, ଓରକଳ, ପମସରା, ଗୋବିନ୍ଦପୁର ସହ ହାରାହାରି ୨୦ ପଞ୍ଚାୟତ ବୁଲି ଲୋକମାନଙ୍କ ପାଖରେ ପହଞ୍ଚିଛନ୍ତି। କେତେକ ପଞ୍ଚାୟତରେ ବିଜେଡି ଦଳ ପ୍ରତି ଆକୃଷ୍ଟ ହୋଇ ପଞ୍ଚାୟତ ସଭାରେ କେତେଜଣ ବିଜେଡିରେ ସାମିଲ ହୋଇଛନ୍ତି। ଏହି ପ୍ରଚାରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସହ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ ବିଜେଡି ସମ୍ପାଦକ ପ୍ରୟାସ କ୍ଳାନ୍ତି ସାମଲ, ରାଜ୍ୟ ବିଜେଡି ମହିଳା ସମ୍ପାଦିକା ସୁମିତା ସିଂ, ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ସାମିଲ ଥିଲେ।



ପିପିଲି ବ୍ଲକରେ ବିଜେଡି ପକ୍ଷରୁ ଅନୁଷ୍ଠିତ କର୍ମୀ ସମ୍ମିଳନୀ।



ଭାଜପା ପ୍ରାର୍ଥୀଙ୍କ ପାଇଁ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ପ୍ରଚାର କରୁଛନ୍ତି।

ସେହିଭଳି ଏମ୍‌ପି ପ୍ରତାପ ଷଡଙ୍ଗୀ ପିପିଲିର ଦାଣ୍ଡମୁକୁନ୍ଦପୁର ଓ ସଁପୁର ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ଦଳୀୟ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ରାଜ୍ୟ ସଭାପତି ସମୀର ମହାନ୍ତି ଗୋବିନ୍ଦପୁର ପଞ୍ଚାୟତରେ ଚାଲିଥିବା କାର୍ଯ୍ୟକର୍ତ୍ତା ବୈଠକରେ ଯୋଗଦେଇ ପ୍ରଚାର କରିଥିଲେ। ଏଥିରେ କାଳନ୍ଦୀ ସାମଲ, କସ୍ତୁରୀ ମିଶ୍ର, ଅନିତା ଶୁଭଦର୍ଶିନୀ, ପୃଥ୍ୱୀରାଜ କୁଅଁର, ପର୍ଶୁରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ଦଳ ଗାଁ ଗାଁରେ ଶିବିର, ସମାବେଶ କରି ଲୋକଙ୍କୁ ନିଜ ଆଡକୁ ଆକୃଷ୍ଟ କରିବାରେ ଲାଗିଛନ୍ତି। କଂଗ୍ରେସର ରାଜ୍ୟ ପ୍ରଭାରୀ ଜି. ରୁଦ୍ରରାଜୁ, ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ସନ୍ତୋଷ ସିଂହ ସାଲୁଜା ପ୍ରମୁଖ ମଙ୍ଗଳପୁର ପଞ୍ଚାୟତରେ ଦଳୀୟ ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନଙ୍କ ପାଇଁ ଭୋଟ ପ୍ରଚାର କରିଥିଲେ। ବ୍ଲକ କଂଗ୍ରେସ କମିଟି ସଭାପତି ଜିତୁପ୍ରକାଶ ପରିଡାଙ୍କ ନେତୃତ୍ୱରେ କେତେକ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ସେହିଭଳି ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ୍ୟ ବିଜେଡି, ଭାଜପା ଓ କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳ ଜୋର୍‌ଦାର ପ୍ରଚାର ଜାରି ରଖିଛନ୍ତି।



ଭୋଟରଙ୍କୁ ଭେଟୁଛନ୍ତି କଂଗ୍ରେସ ନେତା।

# ଆଙ୍ଗୁଠି ଲଗାଇ ଏଟିଏମ୍‌ରୁ ଟଙ୍କା ଲୁଟୁଥିଲେ

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ଏଟିଏମ୍‌ର ଟଙ୍କା ବାହାରୁଥିବା ସ୍ଥାନରେ ଥିବା ଶଟରକୁ ଆଙ୍ଗୁଠି ଲଗାଇ ଅଟକାଇବା ପରେ ଅଭିନବ ଉପାୟରେ ଟଙ୍କା ଲୁଟୁଥିଲେ। ଏଥିସହ ବ୍ୟାଙ୍କ କର୍ମଚାରୀଙ୍କୁ ଭୂଆଁ ବୁଲାଇ ଟଙ୍କା ଠକେଇ କରୁଥିବା ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିଛି। ଶନିବାର ସନ୍ଧ୍ୟାରେ ଟଙ୍କପାଣିସ୍ଥିତ ଏସ୍‌ବିଆଇ ଏଟିଏମ୍‌ରୁ ଏଭଳି ଉପାୟରେ ଟଙ୍କା ଲୁଟ୍ କରୁଥିବାବେଳେ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଓ ଶହୀଦନଗର ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ଦେଢ ଲକ୍ଷ ଟଙ୍କା, ୩୩ ଏଟିଏମ କାର୍ଡ, ୩ ମୋବାଇଲ ଫୋନ୍ ଓ ଗୋଟିଏ କାର ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଉତ୍ତର ପ୍ରଦେଶ କାନପୁର ଅଞ୍ଚଳର ନିରଜ ସାହୁ ଓ ଯୋଗେନ୍ଦ୍ର ସିଂ ଏବଂ ପଶ୍ଚିମବଙ୍ଗ ଦୁର୍ଗାପୁର ଅଞ୍ଚଳର ସଲିମ ଖାନ ଓ ଡ୍ରାଇଭର ମୁକେଶ ପାଲ। ଅଭିଯୁକ୍ତମାନେ ବିଭିନ୍ନ ରାଜ୍ୟରେ ବୁଲି ବୁଲି ଏପରି ଲୁଟ କରନ୍ତି। ତେବେ ପୂର୍ବରୁ ବାରିପଦା, ପୁରୀ ଓ ଭୁବନେଶ୍ୱରରେ ୩୦ରୁ ଅଧିକ ଏଟିଏମ୍‌ରୁ ଟଙ୍କା ଲୁଟ୍ କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଏ ନେଇ ଶହୀଦନଗର ଥାନାରେ ଏକ





ଗିରଫ ୪ ଅଭିଯୁକ୍ତ, ଜବତ ଟଙ୍କା,ଏଟିଏମ୍ କାର୍ଡ ଓ ମୋବାଇଲ ଫୋନ୍।

- ବ୍ୟାଙ୍କ୍‌କୁ ଭୁଆଁ ବୁଲାଇ ଠକୁଥିବା ୪ ଆନ୍ତଃରାଜ୍ୟ ଲୁଟେରା ଗିରଫ
- ୧.୫ ଲକ୍ଷ ଟଙ୍କା, ୩୩ ଏଟିଏମ୍ କାର୍ଡ, କାର୍ ଓ ମୋବାଇଲ୍ ଜବତ

ମାମଲା ନଂ. ୩୯୫/୨୧ ରୁଜୁ କରାଯାଇ ୪ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ରବିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଟଙ୍କା ଲୁଟ୍ ଓ ଠକେଇ ଘଟଣାରେ ଅଧିକ ଖୋଳତାଡ଼ ପାଇଁ ସେମାନଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବ ବୋଲି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି।

### ପୋଲିସକୁ ଖବର ଦେଇଥିଲେ ସ୍ଥାନୀୟ ଲୋକେ

ଶନିବାର ସନ୍ଧ୍ୟାରେ ଶହୀଦନଗର ଥାନା ଅନ୍ତର୍ଗତ ଟଙ୍କପାଣି ରୋଡ୍‌ସ୍ଥିତ ଏସ୍‌ବିଆଇ ଏଟିଏମ୍‌ରେ ୩ଜଣ ଅଭିଯୁକ୍ତ ଟଙ୍କା ଲୁଟ୍ କରୁଥିବାବେଳେ କାର୍ ଷ୍ଟାର୍ଟରେ ରଖି ଅଭିଯୁକ୍ତ ଡ୍ରାଇଭର ମୁକେଶ ପାଲ ରହିଥିଲେ। ଦୀର୍ଘ ସମୟ ଧରି ଏଟିଏମ୍ ଭିତରେ ଅଭିଯୁକ୍ତମାନେ ସନ୍ଦେହଜନକ କାର୍ଯ୍ୟ କରୁଥିବା ଦେଖି ସ୍ଥାନୀୟ ଲୋକେ ସନ୍ଦେହରେ ପୋଲିସକୁ ଖବର ଦେଇଥିଲେ।

### ପୂର୍ବରୁ ଅନ୍ୟ ୨ ଉପାୟରେ ହୋଇଥିବା ଲୁଟ୍

ଏଟିଏମ୍‌ରୁ ଟଙ୍କା ଲୁଟ୍ ପାଇଁ ଅପରାଧୀମାନେ ନୂଆ ନୂଆ କୌଶଳ ଆପଣାଉଥିବା ନଜିର ରହିଛି। କିଛିଦିନ ତଳେ ହରିୟାଣା ଅଞ୍ଚଳର ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗ ଶ୍ରୀ ଲିଙ୍ଗରାଜ ଥାନା ଅଞ୍ଚଳରେ ଥିବା ଏଟିଏମ୍‌ରୁ ଟଙ୍କା ଲୁଟୁଥିବାବେଳେ ଧରାପଡିଥିଲେ। ଉକ୍ତ ଗ୍ୟାଙ୍ଗ୍ ଏଟିଏମ୍‌ର ଟଙ୍କା ବାହାରୁଥିବା ସ୍ଥାନରେ ଲୁହା ପାତ ଲଗାଇ ଜାମ କରୁଥିଲେ। କେହି ବ୍ୟକ୍ତି ଟଙ୍କା ଉଠାଇବାବେଳେ ତାହା ପାତରେ ବାଜି ଅଟକି ରହୁଥିଲା। ବ୍ୟକ୍ତିଜଣକ ବାରମ୍ବାର ଚେଷ୍ଟା କରି ନିରାଶରେ ଫେରିବା ପରେ ଲୁଟେରାମାନେ ଉକ୍ତ ପାତ ସାହାଯ୍ୟ ଟଙ୍କା କାଢ଼ି ନେଉଥିଲେ। ସେହିପରି କେତେକ ସ୍ଥାନରେ ଅଭିଯୁକ୍ତମାନେ ଭିନ୍ନ ଉପାୟରେ ଟଙ୍କା ଲୁଟିଥିବା ଜଣାପଡିଛି। ସେମାନେ ଅଧିକ ପରିମାଣର ଟଙ୍କା ଉଠାଇବାକୁ କାର୍ଡ ସହ ଅନ୍ୟ ତଥ୍ୟ ଭରିଥାନ୍ତି। ଏଟିଏମ୍‌ରୁ ଟଙ୍କା ବାହାରିବା ପରେ ସେମାନେ ଅତି ସତର୍କତାର ସହ ମଝିରୁ ଅଧାଟଙ୍କା କାଢି ନେଇ ବଳକା ଟଙ୍କା ଛାଡି ଦିଅନ୍ତି। ଫଳରେ କିଛି ସମୟ ପରେ ଟଙ୍କା ଫେରିଯାଇଥାଏ ଓ ଆକାଉଣ୍ଟରୁ ଟଙ୍କା କଟି ନ ଥାଏ।

### ଭଡ଼ାରେ ଏଟିଏମ୍ କାର୍ଡ ଆଣୁଥିଲେ

କାନପୁର ଅଞ୍ଚଳର ନିରଜ ସାହୁ ଓ ଯୋଗେନ୍ଦ୍ର ସିଂ ମାସିକ ୩୦୦ ଟଙ୍କା ଭଡାରେ ସ୍ଥାନୀୟ ପରିଚିତ ଲୋକଙ୍କଠାରୁ ଏଟିଏମ୍ କାର୍ଡ ଭଡାରେ ଆଣୁଥିଲେ। ଟ୍ୟାକ୍ସରୁ ବଞ୍ଚିବା ପାଇଁ ଏଟିଏମ କାର୍ଡ ଜରିଆରେ ଟଙ୍କା କାରବାର କରାଯିବ ବୋଲି କହୁଥିଲେ। କାରବାର ଅଧିକ ହେଲେ ଆଗାମୀ ଦିନରେ ବ୍ୟାଙ୍କ ଲୋନ୍ ମିଳିବାର ଲୋଭ ଦେଖାଉଥିଲେ। ସମାନ ଭାବେ ପଶ୍ଚିମବଙ୍ଗର ସଲିମ ଓ ମୁକେଶ ଲୋକଙ୍କୁ ମାସିକ ୩୦୦ରୁ ୫୦୦ ଟଙ୍କା ଦେଇ ଏଟିଏମ କାର୍ଡ ଯୋଗାଡ କରୁଥିଲେ।

### ୟୁଟ୍ୟୁବ୍‌ରୁ ଶିଖି ଲୁଟୁଥିଲେ

ନିରଜ ଓ ଯୋଗେନ୍ଦ୍ର ଉଚ୍ଚ ଶିକ୍ଷିତ ଥିବାବେଳେ ୟୁଟ୍ୟୁବ୍‌ରୁ ଲୁଟ୍ କୌଶଳ ଶିଖିଥିବା ପୋଲିସକୁ କହିଛନ୍ତି। ସେମାନେ ଯୋଗାଡ କରିଥିବା ଏଟିଏମ୍ କାର୍ଡରେ ପ୍ରଥମେ ୧୦ ହଜାରରୁ ୩୦ ହଜାର ପର୍ଯ୍ୟନ୍ତ ଟଙ୍କା ଜମା କରୁଥିଲେ। ଜନଗହଳି ନ ଥିବା ଅଞ୍ଚଳରେ ଥିବା ଏଟିଏମକୁ ଟାର୍ଗେଟ କରି ଉକ୍ତ କାର୍ଡରେ ଟଙ୍କା ଉଠାଉଥିଲେ। ଏଟିଏମ ମେଶିନ ଟଙ୍କା ଗଣୁଥିବାବେଳେ ଅଭିଯୁକ୍ତ ଟଙ୍କା ବାହାରୁଥିବା ଶଟରକୁ ଆଙ୍ଗୁଠି ଟିପରେ ଚାପି ଧରୁଥିଲେ। ଫଳରେ ଉକ୍ତ ଟଙ୍କା ଅଧାବାଟରେ ଅଟକିବା ସହ ଏଟିଏମ୍ ସ୍କ୍ରିନରେ ଟ୍ରାଞ୍ଜାକ୍ସନ ଏରର ବା କାରବାରରେ ତ୍ରୁଟି ଦେଖାଉଥିଲା। ମାତ୍ର ଆକାଉଣ୍ଟରୁ ଟଙ୍କା କଟିଯାଇଥିବା ନେଇ ମେସେଜ ଆସୁଥିଲା। କିନ୍ତୁ ଅଭିଯୁକ୍ତମାନେ ଏଟିଏମ୍ ଶଟର ଟେକି ଉକ୍ତ ଟଙ୍କା ବାହାର କରିନେଇ ଏସ୍‌ବିଆଇ ହେଲ୍ପ ଲାଇନକୁ ଫୋନ କରି ଟଙ୍କା କଟିଯାଇଥିବା ଅଭିଯୋଗ କରୁଥିଲେ। ୩ଦିନ ପରେ ସେମାନଙ୍କ ଆକାଉଣ୍ଟକୁ ଏସ୍‌ବିଆଇ ପକ୍ଷରୁ ଟଙ୍କା ଫେରସ୍ତ କରିଦିଆଯାଉଥିଲା। ଏମାନେ କାର୍‌ରେ ବିଭିନ୍ନ ରାଜ୍ୟ ବୁଲି ଏଟିଏମ୍‌ରୁ ଏଭଳି ଲୁଟ କରିବା ସହ ବ୍ୟାଙ୍କ କର୍ମଚାରୀଙ୍କୁ ଭୂଆଁ ବୁଲାଇ ଟଙ୍କା ଠକେଇ କରୁଥିଲେ।

**ଆଜି ୯ ଘଣ୍ଟା ଗଡ଼ିବନି ଓଏସ୍ଆର୍‌ଟିସି ବସ୍**

ଭୁବନେଶ୍ୱର,(ବ୍ୟୁରୋ)- ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ସୋମବାର ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍ଆର୍‌ଟିସି) ବସ୍ ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ବନ୍ଦ ଯୋଗୁ ସଡ଼କପଥ, ରେଳପଥ ସହ ସବୁ ସରକାରୀ ଓ ବେସରକାରୀ ସଂସ୍ଥା ବନ୍ଦ ରହୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ବସ୍ ସକାଳ ୬ଟାଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚଳାଚଳ ବନ୍ଦ ରହିବ।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଅଫିସର୍ସ ଆଣ୍ଡ ଅଫିସ ଆଶିଷ୍ଟାଣ୍ଟ ଅଫ୍ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ଧାରଣା, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ମୁଖ୍ୟ ଅଫିସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ସକାଳ ୯ଟା।
- ସଂଯୁକ୍ତ କୃଷକ ମଞ୍ଚ ପକ୍ଷରୁ ଧାରଣା, ଉତ୍ତରା ଛକ, ସକାଳ ୯ଟା।
- ସାହିତ୍ୟ ଏକାଡେମୀ ପକ୍ଷରୁ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କ ଜୟନ୍ତୀ ଓ କାଠସନ୍ଧିଙ୍କ ଉପରେ ସେମିନାର, କନଫରେନ୍ସ ହଲ, ଓଡ଼ିଶା ଷ୍ଟେଟ ମ୍ୟୁଜିୟମ, ପୂର୍ବାହ୍ନ ୧୦ଟା ୩୦।

## ଥ୍ରିଲର ଫିଲ୍ମ 'ଦର୍ପଣ'ର ଗୀତ ରିଲିଜ୍




ଭୁବନେଶ୍ୱର,୨୬।୯(ବ୍ୟୁରୋ): ସିଓନ୍ ପ୍ରଡକ୍ସନ ହାଉସ୍ ନିବେଦିତ ନୂଆ ଓଡ଼ିଆ ହରର ଥ୍ରିଲର ଫିଲ୍ମ 'ଦର୍ପଣ'ର ଏକ ସସ୍‌ପେନ୍ସ ଗୀତ 'ନେଲୁରେ ନେଲୁରେ ମୋ ଜୀବନ' ସିଓନ୍ ପ୍ରଡକ୍ସନ ହାଉସ୍ ୟୁ-ଟ୍ୟୁବ୍ ଚ୍ୟାନେଲରେ ରିଲିଜ ହୋଇଛି। ଏହି ଗୀତକୁ ଓଡ଼ିଶାର ପରିଚିତ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଗାଇଥିବାବେଳେ ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଟୁନୁ ପଟ୍ଟନାୟକ। ଗୀତକୁ ସଜେଇଛନ୍ତି ଜଗା ଜେଡ୍ ଓ ଶୁଭାଶିଷ କୁମାର। ଏହି ଫିଲ୍ମର ପ୍ରଯୋଜକ ଦିଲୀପ କୁମାର ସାହୁ ରହିଥିବାବେଳେ କାହାଣୀକାର, ଚିତ୍ରନାଟ୍ୟକାର ଓ ନିର୍ଦ୍ଦେଶକ ଭରତ ପୁଷ୍ପରାଗ ରହିଥିବାବେଳେ ସହ ନିର୍ଦ୍ଦେଶନା ଦେଇଛନ୍ତି ରତନ କୁମାର। ପ୍ରଥମଥର ପାଇଁ ଭାରତ ନିର୍ଦ୍ଦେଶନା ଦେଇଥିବାବେଳେ ନିଜେ ନାୟକ ଭୂମିକାରେ ଡେବ୍ୟୁ କରିଛନ୍ତି। ଚଳଚ୍ଚିତ୍ର ଓ ଗୀତ ଓଡ଼ିଶାବାସୀଙ୍କ ମନକୁ ଛୁଇଁବ ବୋଲି ଏହି ଅବସରରେ ନିର୍ଦ୍ଦେଶକ ତଥା ନାୟକ ଭାରତ ଓ କଣ୍ଠଶିଳ୍ପୀ ଅସୀମା ଆଶାବ୍ୟକ୍ତ କରିଛନ୍ତି।

# ଭୁବନେଶ୍ୱରରେ ୩୪ ବିପଦସଙ୍କୁଳ ଡ୍ରେନ

**ମୁକୁଳା ଡ୍ରେନ୍‌ରେ ବନ୍ଧାଗଲା ବାଉଁଶ ବାଡ଼, ନଜର ରଖିବେ ୩୪ କର୍ମଚାରୀ**

ଭୁବନେଶ୍ୱର, ୨୬।୯ (ବ୍ୟୁରୋ)

ରାଜଧାନୀର ମୁକୁଳା ଡ୍ରେନ୍‌ରେ ପଡି ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଦାୟିତ୍ୱହୀନତାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଏବେ ତତ୍ପରତା ପ୍ରକାଶ ପାଇଛି। ସ୍ମାର୍ଟସିଟିରେ ମୁକୁଳା ପଡିଥିବା ଡ୍ରେନ ପାଇଁ ଯେପରି ଆଉ କୌଣସି ଜୀବନ ନ ଯିବ ସେଥିପାଇଁ କେତେକ ପ୍ରାକ୍ ପଦକ୍ଷେପ ନିଆଯାଇଛି। ସହରର ୩ଟି ଜୋନ୍‌ର ବିଭିନ୍ନ ସ୍ଥାନରେ ବିପଜ୍ଜନକ ଅବସ୍ଥାରେ ଥିବା ୩୪ଟି ଡ୍ରେନ୍ ଚିହ୍ନଟ କରାଯାଇଛି। ଦକ୍ଷିଣ ପୂର୍ବ ଜୋନ୍‌ରେ ୧୫, ଦକ୍ଷିଣ ପଶ୍ଚିମ ଜୋନ୍‌ରେ ୧୩ ଏବଂ ଉତ୍ତର ଜୋନ୍‌ରେ ୬ଟି ଡ୍ରେନ୍ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଡ୍ରେନ୍‌ଗୁଡ଼ିକ ମୁକୁଳା ପଡିଥିବାରୁ ସେଠାରେ ସତର୍କ ସୂଚନା ଫଳକ ଲଗାଯିବା ସହ ବାଉଁଶବାଡ ବନ୍ଧା ଯାଇଛି। ପରବର୍ତ୍ତୀ ସମୟରେ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯିବା ବୋଲି କୁହାଯାଇଛି। ଏଥିସହ ଏସବୁ ଡ୍ରେନ୍ ଉପରେ ନଜର ରଖିବା ପାଇଁ ବିଏମ୍‌ସିର ୩୪ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଡ୍ରେନ୍ ନିକଟରେ ବାଉଁଶ ବାଡ ଭାଙ୍ଗିଲେ କିମ୍ବା ଅନ୍ୟ କୌଣସି ଘଟଣା ହେଲେ ସେମାନେ ବିଏମ୍‌ସିକୁ ଅବଗତ କରାଇବେ। ଏଥିସହ ବିପଦସଙ୍କୁଳ ସ୍ଥାନରେ ପୋଲିସ ଫୋର୍ସ ମୁତୟନ ପାଇଁ କମିଶନର ସଞ୍ଜୟ କୁମାର ସିଂହ ପୋଲିସ କମିଶନରଙ୍କୁ ଚିଠି ଲେଖିଥିବା ବିଏମ୍‌ସିର ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ ସୂଚନା ଦେଇଛନ୍ତି।



ବିଏମ୍‌ସି ପକ୍ଷରୁ ମୁକୁଳା ଡ୍ରେନରେ ବାଉଁଶ ବାଡ଼ କରାଯାଉଛି।

## 'ଭାରତୀୟ ରେଲ ଜୀବନ କି କହାନିୟାଁ' ଉନ୍ମୋଚିତ

ଭୁବନେଶ୍ୱର ୨୬।୯

ବିଶିଷ୍ଟ ଔପନ୍ୟାସିକା ଇନ୍ଦିରା ଦାଶଙ୍କ ଲିଖିତ 'ଭାରତୀୟ ରେଲ ଜୀବନ କି କହାନିୟାଁ' ଗଳ୍ପ ସଂକଳନ ରେଲକୁଞ୍ଜ ଅଧିକାରୀ କ୍ଲବ୍‌ଠାରେ ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣ ଯୋଗଦେଇ,'ରେଳବାଇ ପରିବାରର ସୌନ୍ଦର୍ଯ୍ୟ ହେଉଛି ବିଭିନ୍ନତା ଭିତରେ ଏକତା। ଭାରତୀୟ ରେଳପଥ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ କଳା, ସାହିତ୍ୟ, କ୍ରୀଡ଼ା ଓ ସମସ୍ତ କ୍ଷେତ୍ରରେ ପାରଦର୍ଶିତା ରହିଛି ବୋଲି କହିଥିଲେ।

ବିଶିଷ୍ଟ ଅତିଥି ଭାବେ ପଦ୍ମଭୂଷଣ କବି ରମାକାନ୍ତ ରଥ ରେଲୱେରେ ଲେଖିକାଙ୍କ ଅନୁଭବ ଓ ଅନୁଶୀଳନକୁ ନେଇ ୧୮ଟି ଚମତ୍କାର ଗଳ୍ପ ଲେଖି ତାହା ହିନ୍ଦୀ ଅନୁବାଦ ହୋଇଥିବାରୁ ଅଭିନନ୍ଦନ ଜଣାଇ ଥିଲେ। କବି ରଥ ଆହୁରି କହିଲେ, 'ଭାରତୀୟ ମୂଲ୍ୟବୋଧ ଓ ସଂସ୍କାରକୁ ମଣିଷ ଭୁଲି ଏକ ଭୁଲ ରାସ୍ତାରେ ପାଦ ଦେଇଛି ବୋଲି ତାଙ୍କର କେତେକ ଗଳ୍ପରେ ପ୍ରତିଫଳିତ ହୋଇଛି।' ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି କଥାକାର ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ହିନ୍ଦୀ ସାହିତ୍ୟର ପ୍ରଖ୍ୟାତ ଅନୁବାଦକ ପ୍ରଫେସର ଡ. ଶଙ୍କର ଲାଲ୍ ପୁରୋହିତ, ପୂର୍ବତଟ ରେଳପଥ ପୂର୍ବତନ ଅର୍ଥନୀତି ପରାମର୍ଶଦାତା ଓ ମୁଖ୍ୟ ହିସାବ ଅଧିକାରୀ ଦିଲ୍ଲୀପ କୁମାର ସାମନ୍ତରାୟ ଓ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ପ୍ରଫେସର ଡ. ଅଞ୍ଜୁମାନ ଆରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରେଳ ସାହିତ୍ୟ ପରିଷଦ ଯୁଗ୍ମ ସମ୍ପାଦକ ନୃସିଂହ ତରାଇ ଉତ୍ସବରେ ସହାୟତା କରିଥିଲେ।



'ଭାରତୀୟ ରେଲ ଜୀବନ କି କହାନିୟାଁ' ଉନ୍ମୋଚନ ଅବସରରେ ଅତିଥିବୃନ୍ଦ

# ୩୮ ଜଣଙ୍କୁ 'ସେବାରତ୍ନ ସମ୍ମାନ'

ଭୁବନେଶ୍ୱର, ୨୬।୯ (ବ୍ୟୁରୋ)

ଜୟ ମା' ଭବାନୀ ଚାରିଟେବୁଲ ଟ୍ରଷ୍ଟର ୪ର୍ଥ ବାର୍ଷିକ ଉତ୍ସବ ଓ 'ସେବା ରତ୍ନ ସମ୍ମାନ' ପ୍ରଦାନ କାର୍ଯ୍ୟକ୍ରମ ରବିବାର ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସମ୍ପାଦକ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସମାଜ କଲ୍ୟାଣରେ ନିୟୋଜିତ ବିଭିନ୍ନ ବର୍ଗ ଯଥା ଡାକ୍ତର, ସମାଜସେବା, ସାମ୍ବାଦିକତା, ରକ୍ତଦାନ କ୍ୟାମ୍ପ ପରିଚାଳନା, ପୋଲିସ, ଶ୍ରୀଜଗନ୍ନାଥଙ୍କ ସେବକ, ମହିଳା ହସ୍ତଶିଳ୍ପ ପ୍ରଶିକ୍ଷକ, ପଥର ମୂର୍ତ୍ତି ପ୍ରମୋଟର ଓ ମିଡ଼ିଆ କ୍ଷେତ୍ରରେ କାମ କରୁଥିବା ୩୮ଜଣଙ୍କୁ 'ସେବାରତ୍ନ ସମ୍ମାନ' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏମ୍‌ପି ସୁଜିତ କୁମାର, ପଦ୍ମଶ୍ରୀ ରଜତ କର, ଉମାନାଥ ମିଶ୍ର, ଲଳିତ କୁମାର ପଣ୍ଡା, ଦିଲୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ 'ସେବାରତ୍ନ ସମ୍ମାନ' ପାଇଥିବା ବ୍ୟକ୍ତିତ୍ୱମାନେ।

## ବକ୍ସିବଜାର ଖବରକାଗଜ ବିକ୍ରେତା ସଂଘର କର୍ମକର୍ତ୍ତା ନିର୍ବାଚନ

କଟକ ଅଫିସ, ୨୬।୯

କଟକ ବକ୍ସିବଜାର ଖବରକାଗଜ ବିକ୍ରେତା ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ବାରବାଟୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବିଜୟ କୁମାର ପଡିହାରି, ଉପ ସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଦାଶ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, କମିଟି ସଭ୍ୟ ଭାବେ ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଶାନ୍ତ ସାହୁ ଓ ପ୍ରଦ୍ୟୁମ୍ନ ବିଶୋଇ ତିନି ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ପରିବେଶବିତ୍ ଜାନକୀ ବଲ୍ଲଭ ମହାନ୍ତି, ଇସ୍‌କଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ସଞ୍ଜୟ ପରିଡା ଓ ଶ୍ରମିକନେତା ରବୀନ୍ଦ୍ର ନାଥ ଜେନା ନିର୍ବାଚନ ପରିଚାଳନା କରିଥିଲେ।

## ସମ୍ପର୍କ ଯୋଡି ସମାଜରେ ବଞ୍ଚିବା ଶିଖାଇଛି ଗାଁ

ଭୁବନେଶ୍ୱର, ୨୬।୯ (ବ୍ୟୁରୋ)

ଗାଁରେ ଅଛି ଆମ ପରିଚୟର ପହିଲି ସ୍ୱାକ୍ଷର। ସମ୍ପର୍କ ଯୋଡି କିଭଳି ସମାଜିକ ଜୀବନ ବଞ୍ଚିହୁଏ ତାହା ଗାଁ ଆମକୁ ଶିଖାଇଛି ବୋଲି ଭାଷା ତତ୍ତ୍ୱବିତ୍ ପଦ୍ମଶ୍ରୀ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ କହିଛନ୍ତି। ରବିବାର ସାହିତ୍ୟାୟନର ସ୍ୱତନ୍ତ୍ର ଆସର 'ସାହିତ୍ୟରେ ଗାଁର ସ୍ୱର'କୁ ଉଦ୍‌ଘାଟନ କରି ସେ କହିଲେ, ଆମ ଯୌଥ ପରିବାରରୁ ଏକକ ପରିବାର ହୋଇ ଯାହାସବୁ ପରିବର୍ତ୍ତନ ହୋଇଛି ତାହା ଭାରତୀୟ ପରମ୍ପରା ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ନୁହେଁ। ଜୟକୃଷ୍ଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆସରରେ ଲେଖକ ସୂର୍ଯ୍ୟମଣି ତ୍ରିପାଠୀ, ଡ. ବିଜୟଲକ୍ଷ୍ମୀ ମହାନ୍ତି, ଡ. ରଶ୍ମି ଦାସ, ଡ. ପ୍ରମୋଦ ପରିଡା ପ୍ରମୁଖ ଯୋଗଦେଇ ଗାଁର ଅନୁଭୂତି କବିତା ଓ ଗଳ୍ପରେ କିପରି ପ୍ରତିଫଳିତ ତାହା ବର୍ଣ୍ଣନା କରିଥିଲେ। କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ପଲ୍ଲୀଗୀତ ପରିବେଷଣ କରିଥିଲେ। ସାହିତ୍ୟାୟନର ସମ୍ପାଦକ ସଞ୍ଜୟ ମହାନ୍ତି ସଂଯୋଜନା କରିଥିଲେ।

## ଦୋକାନୀଙ୍କ ସହ ବଚସାରୁ ଯୁବକଙ୍କୁ ଛୁରା ମାଡ଼

ଭୁବନେଶ୍ୱର,୨୬।୯(ବ୍ୟୁରୋ): କଳ୍ପନା ଛକରେ ଦୋକାନୀଙ୍କ ସହ ବଚସାରୁ ରବିବାର ଜଣେ ଯୁବକଙ୍କୁ ଛୁରା ମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ପୁରୁଣା ଭୁବନେଶ୍ୱରର ଏମ୍‌ବିଏ ଛାତ୍ର ମାୟୁଷ ଦାସ। ସୂଚନା ମୁତାବକ, ରବିବାର ରାତିରେ ସେ କଳ୍ପନା ଛକସ୍ଥିତ ରାଜ୍ୟ ସଂଗ୍ରାହଳୟ ସାମ୍ନାରେ ଥିବା ଏକ ଦୋକାନରୁ କୋଲଡ୍ରିଙ୍କ୍‌ସ ଓ ସିଗାରେଟ କିଣିଥିଲେ। ଦୋକାନୀ ଜଣକ ଅଧିକ ଟଙ୍କା ଦାବି କରିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଦୋକାନୀ ଓ ତାଙ୍କ କେତେଜଣ ସହଯୋଗୀ ତାଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ କେହିଜଣେ ମାୟୁଷଙ୍କ ବାମ ପଟ ପେଟରେ ଛୁରା ମାଡ କରି ଫେରାର ହୋଇଯାଇଥିଲେ। ତେବେ ଘଟଣା ସମ୍ପର୍କରେ ବଡ଼ଗଡ଼ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ ଖବର ପାଇ ପିସିଆର ପୋଲିସ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି।

# ଉପନ୍ୟାସ ଲେଖାକୁ ପ୍ରୋତ୍ସାହନ ମିଳିବା ଆବଶ୍ୟକ

ଭୁବନେଶ୍ୱର, ୨୬।୯ (ବ୍ୟୁରୋ)

**'ସୀମାରେଖା' ଲୋକାର୍ପିତ**

ଉପନ୍ୟାସରେ ସମୟର ପୁନଃ ନିର୍ମାଣ ଓ ଅଙ୍କନର ସାମର୍ଥ୍ୟ ରହିଛି । ଏହା ସହିତ ଭାବର ବ୍ୟାପ୍ତି ଓ ବୈଚିତ୍ର୍ୟର ଉପସ୍ଥାପନା ପାଇଁ ଉପନ୍ୟାସ ରଚନାରେ ସୁଯୋଗ ରହିଛି। ଓଡ଼ିଆ ସାହିତ୍ୟରେ ଉପନ୍ୟାସ ରଚନା ଶିଥିଳ ହେଉଥିବା ପରିପ୍ରେକ୍ଷୀରେ ବହୁସଂଖ୍ୟାରେ ଉପନ୍ୟାସ ଲେଖାକୁ ପ୍ରୋତ୍ସାହନ ମିଳିବା ଆବଶ୍ୟକ ବୋଲି ବିଶିଷ୍ଟ ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ ମତ ପ୍ରକାଶ କରିଛନ୍ତି । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ କୃଷକ ସମାଜରେ ଉପନ୍ୟାସ 'ସୀମାରେଖା'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱରଞ୍ଜନ ତାପସ କୁମାର ସାହାଙ୍କ ଲିଖିତ ଏହି ଉପନ୍ୟାସର ପାଠକାର୍ପଣ କରି ଭାରତ–ଚୀନ ଯୁଦ୍ଧର କାଳ୍ପନିକ ପୃଷ୍ଠଭୂମିରେ ଏକ ପ୍ରେମକାହାଣୀକୁ ସଫଳ ଭାବରେ ଲେଖକ ପ୍ରକାଶ କରିଥିବା କହିଥିଲେ। କଥାକାର ରାଜ୍ୟ ବର୍ଦ୍ଧନ ଧଳମହାପାତ୍ର ଓଡ଼ିଆ ସାହିତ୍ୟ ଜଗତକୁ ତାପସଙ୍କ ପ୍ରବେଶ ଉତ୍ସାହଜନକ ବୋଲି ଉଲ୍ଲେଖ କରି ଉପନ୍ୟାସର ସମୀକ୍ଷା କରିଥିଲେ। ଟ୍ରଷ୍ଟ ଉପସଭାପତି କବି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ସୂର୍ଯ୍ୟ ମିଶ୍ର ସାମ୍ପ୍ରତିକ ସାହିତ୍ୟ ସଂଗଠନଗୁଡ଼ିକର କ୍ରିୟାଶୀଳତା ଉପରେ ସୂଚନା ଦେଇଥିଲେ। ମୌସୁମୀ ଦାସ 'ଏ ମାସର କବି' ଭାବେ ଯୋଗଦେଇ କବିତା ପାଠ କରିଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଇତିଶ୍ରୀ ପତି, ବିବେକ ଜେନା, ପିତାମ୍ବର ଭୋଇ, ଶୈଳେନ୍ଦ୍ର କୁମାର ଜେନା, ଡ. ଦେବାଶିଷ ମହାପାତ୍ର, ପବିତ୍ର ମୋହନ କର ଓ ବିଜନ ବାଳା ପଟ୍ଟଯୋଶୀ ପ୍ରମୁଖ କବିତା ପାଠ କରିଥିଲେ।

## ବଟି ମାଗି ୫ ଗିରଫ

ପୁରୀ ଅଫିସ,୨୬।୯

ଦାଦାବଟି ଅଭିଯୋଗରେ ସମୁଦ୍ରକୂଳ ଓ ସଦର ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତିଆଡି ସାହି ବାଲି ଉପରର ଲୋକନାଥ ମଲ୍ଲିକ, ସତ୍ୟପ୍ରକାଶ ମଲ୍ଲିକ, ସିଟି ରୋଡ ଶାନ୍ତିକୁଞ୍ଜ ଲେନ୍‌ର କାହ୍ନୁଚରଣ ନାୟକ, ବଳିଆପଣ୍ଡା ଥାନା ଧୋବାଖାଲ ଅଞ୍ଚଳର ସୁନୀଲ ଦୀକ୍ଷିତ ଓ ସଦର ଥାନା ଅଠରନଳାର କାହ୍ନା ବାରିକ। ସେମାନଙ୍କଠାରୁ ୨ ଭୁଜାଲି, ପାଇପ୍ ଏବଂ ୧୧୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ.୨୦୫, ୨୦୬/୨୧ରେ ଏକ ମାମଲା ରୁଜୁ କରିଛି। ରବିବାର ସକାଳେ ଥାନାର ଏଏସ୍ଆଇ ବିଜୟ କୁମାର ମହାପାତ୍ର ପାଟ୍ରୋଲିଂ କରୁଥିବାବେଳେ ଚୈତନ୍ୟ ଛକ ନିକଟରେ କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ବଟି ମାଗୁଥିବାବେଳେ ଚଢାଉ କରି ୪ଜଣଙ୍କୁ ଗିରଫ କରିଥିଲେ। ସେହିପରି ସଦର ଥାନାର ଏସ୍ଆଇ ଶିବାଶିଷ ଦାସ ଅର୍ବାନ ଛକ ନିକଟରେ ଅନ୍ୟଜଣଙ୍କୁ ଗିରଫ କରିଥିଲେ।

# ଶ୍ରୁତି ବାଳିକା, ତୋସିଫ୍ ବାଳକ ଚାମ୍ପିୟନ

**ରାଜ୍ୟସ୍ତରୀୟ ୧୯ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ**

ଜଟଣୀ,୨୬।୯

ସ୍ଥାନୀୟ ଆଶ୍ରୟ ଇନ୍‌ଡୋର ହଲ୍‌ଠାରେ ଖୋର୍ଦ୍ଧା ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଏବଂ ବାଳିକା ଏଫ୍‌ଜେଡ୍ ଓଏସ୍‌ବିଏ ସର୍ବଭାରତୀୟ ଟେଷ୍ଟ ର୍‍ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ବାଳକ ଏବଂ ବାଳିକା ବିଭାଗରେ ୧୫୬ ପ୍ରତିଯୋଗୀ ଭାଗ ନେଇଥିଲେ। ବାଳିକା ସିଙ୍ଗଲ୍ସରେ ଶ୍ରୁତି ସ୍ୱାଇଁ, ବାଳକ ସିଙ୍ଗଲ୍ସରେ ତୋସିଫ, ମିକ୍ସଡ ଡବଲ୍ସରେ ଆୟୁଷ ପଟ୍ଟନାୟକ ଓ ଶ୍ରେୟା ବିଶ୍ୱାଳ, ବାଳିକା ଡବଲ୍ସରେ ଶ୍ରୁତି ସ୍ୱାଇଁ ଓ ହର୍ଷିତା ରାଉତ, ବାଳକ ଡବଲ୍ସରେ ଆୟୁଷ ପଟ୍ଟନାୟକ ଏବଂ ଆୟୁଷ ଦାସ ଚାମ୍ପିୟନ ହୋଇଛନ୍ତି।

ରବିବାର ବାଳିକା ସିଙ୍ଗଲ୍ସ ଶ୍ରୁତି ସ୍ୱାଇଁ(କଟକ) ଏବଂ ବିଶାଖା ଟୋପୋ(ସୁନ୍ଦରଗଡ଼)ଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୁତି ୨୧–୧୧, ୨୧–୯ରେ ବିଜୟ ଲାଭ କରିଥିଲେ। ବାଳକ ବିଭାଗରେ ତୋସିଫ୍ ଖାଁ (ସମ୍ବଲପୁର) ଭୁବନେଶ୍ୱରର ଅଭିଜିତ ମହାରଣାଙ୍କୁ ୨୧–୧୩ ଓ ୨୧–୧୨ରେ ପରାସ୍ତ କରିଥିଲେ। ସେହିପରି ମିକ୍ସଡ ଡବଲ୍ସରେ ଆୟୁଷ ପଟ୍ଟନାୟକ ଓ ଶ୍ରେୟା ବିଶ୍ୱାଳ ୧୮–୨୧, ୨୧–୧୫ ଓ ୨୧–୧୪ରେ ଅମୃତ ମହାନ୍ତି ଓ ଶ୍ରୁତି ସ୍ୱାଇଁଙ୍କୁ ହରାଇ ଦେଇଥିଲେ। ବାଳିକା ଡବଲ୍ସରେ ଶ୍ରୁତି ସ୍ୱାଇଁ ଓ ହର୍ଷିତା ରାଉତ ୨୧–୧୭, ୨୧–୧୫ରେ ଅନୁପା ଦାସମହାପାତ୍ର ଓ ଶ୍ରେୟା ବିଶ୍ୱାଳଙ୍କୁ ପରାସ୍ତ କରିଥିଲେ। ସେହିପରି ବାଳକ ଡବଲ୍ସରେ ଆୟୁଷ ପଟ୍ଟନାୟକ ଓ ଆୟୁଷ ଦାସ ୨୧–୧୯, ୨୧–୧୨ରେ ଅଭିଜିତ ମହାରଣା ଓ ଅମୃତ ମହାନ୍ତିଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ରୋହିତ ପୂଜାରୀ ଏବଂ ଆଇଓସିଏଲ୍‌ର ପରିଚାଳନା ପ୍ରବନ୍ଧକ ରାହୁଲ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀମାନଙ୍କୁ ଟ୍ରଫି, ମାନପତ୍ର, ଆର୍ଥିକ ରାଶି ସହିତ ପୁରସ୍କୃତ କରିଥିଲେ। ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ମ୍ୟାଚ ରେଫ୍‌ରି ରୀତା ଦାସ, ସରୋଜ ଦାସ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।




ଅତିଥିଙ୍କ ଠାରୁ ଜଣେ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

## ନୀଳାଦ୍ରି ଆଧାତ୍ମିକ ଟ୍ରଷ୍ଟର ନୂତନ କର୍ମକର୍ତ୍ତା

ପୁରୀ ଅଫିସ,୨୬।୯- ନୀଳାଦ୍ରି ଆଧାତ୍ମିକ ଟ୍ରଷ୍ଟର ଏକ ସ୍ୱତନ୍ତ୍ର ବୈଠକ ରବିବାର ଅନୁଷ୍ଠିତ ହୋଇ ଆଗାମୀ ୩ ବର୍ଷ ପାଇଁ ନୂତନ କାର୍ଯ୍ୟକାରୀ କମିଟି ଓ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର ସଭାପତି ଓ ବରିଷ୍ଠ ଜଗନ୍ନାଥ ସଂସ୍କୃତବିତ୍ ଗବେଷକ ଡ. ଭାସ୍କର ମିଶ୍ରଙ୍କୁ ସାଧାରଣ ସମ୍ପାଦକ ରୂପେ ମନୋନୟନ କରାଯାଇଛି। ସେହିପରି ଆଧାତ୍ମବାଦୀ ରାଧାବଲ୍ଲଭ ସିଂହ, ଇଂ. ପ୍ରଶାନ୍ତ ଆଚାର୍ଯ୍ୟ, ପ୍ରଫେସର ମାନସ ମଲ୍ଲିକ, ଆଡଭୋକେଟ ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ଉପଦେଷ୍ଟା ରୂପେ ଗ୍ରହଣ କରାଯାଇଛି। ବ୍ରାହ୍ମଣ ମହାସଭାର ଅଧ୍ୟକ୍ଷ ଇଂ. ରବିନାରାୟଣ ମହାପାତ୍ର ଓ ଶିଳ୍ପୋଦ୍ୟୋଗୀ ରମେଶ ଚନ୍ଦ୍ର ପାଢୀଙ୍କୁ ଉପସଭାପତି ଭାବେ ମନୋନୟନ କରାଯିବା ସହ ସଂଗଠନ ସମ୍ପାଦକ ଭାବେ ବରିଷ୍ଠ ସାମାଜିକ କର୍ମୀ ନନ୍ଦକିଶୋର ଜେନା, କାର୍ଯ୍ୟାଳୟ ସମ୍ପାଦକ ରୂପେ ସାହିତ୍ୟିକ କୃଷ୍ଣଚନ୍ଦ୍ର ରଥ ପ୍ରମୁଖଙ୍କୁ ଚୟନ କରାଯାଇଛି।

## ଆରୋଗ୍ୟ ଜେନେରିକ ମେଡିସିନ ଷ୍ଟୋର ଶୁଭାରମ୍ଭ



ଭୁବନେଶ୍ୱର,୨୬।୯

ଜେନେରିକାର୍ଟ ମେଡିସିନ କମ୍ପାନୀର 'ଆରୋଗ୍ୟ ଜେନେରିକ ମେଡିସିନ ଷ୍ଟୋର' ସ୍ଥାନୀୟ ଗୌରୀନଗର ଛକ ଲୁଇସ ରୋଡ୍‌ଠାରେ ଶୁଭାରମ୍ଭ ହୋଇଛି। ବରିଷ୍ଠ ପ୍ରଶାସକ ଦିଲ୍ଲୀପ କୁମାର ରାଉତରାୟ ଏବଂ ଡକ୍ଟର ମାଗୁଣି ଚରଣ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜେନେରିକାର୍ଟ ଓଡ଼ିଶାର ମୁଖ୍ୟ ଦେବାଶିଷ ହୋତା ଏବଂ ସଞ୍ଜିତ ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ। କମ୍ପାନୀ ଏହାର ପ୍ରଡକ୍ଟଗୁଡ଼ିକ ଉପରେ କ୍ୱାଲିଟି କଣ୍ଟ୍ରୋଲ ଟେଷ୍ଟ ରିପୋର୍ଟ ପ୍ରଦାନ କରିଥାଏ। ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇ ଏହା ଗତ ୧୦ ବର୍ଷ ଧରି ସେବା ଯୋଗାଣ କରି ଆସୁଛି। ଏହା ଗୁଣବତ୍ତା ବିଶିଷ୍ଟ ଜେନେରିକ ମେଡିସିନ ଲୋକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେଉଛି। ମେକ୍ ଇନ୍ ଇଣ୍ଡିଆ କ୍ଷେତ୍ରରେ ଏହା ଯୋଗଦାନ ରଖୁଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ଜବରଦଖଲ ପାଇଁ ଅଟକିଛି ଡ୍ରେନ କାମ

ଭୁବନେଶ୍ୱର,୨୬।୯

ସ୍ମାର୍ଟସିଟି ଭୁବନେଶ୍ୱର ବର୍ତ୍ତମାନ ଦ୍ରୁତଗତିରେ ବିକାଶ ପଥରେ ଆଗେଇ ଚାଲିଛି, ହେଲେ ଏହି ବିକାଶ କାର୍ଯ୍ୟରେ ବାଧକ ସାଜିଛି ମୁଷ୍ଟିମେୟଙ୍କ ଜବରଦଖଲ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ୱାର୍ଡ ନଂ. ୩୬ ପରିସରରେ ଆସୁଥିବା ବିଧାୟକ କଲୋନୀ ବର୍ତ୍ତମାନ ମୁଷ୍ଟିମେୟ ଓ ଅସାମାଜିକଙ୍କ ଆଡାସ୍ଥଳୀ ପାଲଟିଯାଇଛି। ଫଳରେ ବିଧାୟକ କଲୋନୀ ଏବଂ ପୂର୍ବତନ ବିଧାୟକଙ୍କ ଗେଷ୍ଟ ହାଉସ ପରିସର ଜବରଦଖଲରେ ରହିଛି। ବିଶେଷ କରି ଗେଷ୍ଟ ହାଉସ ସମ୍ମୁଖରେ ଜବରଦଖଲକାରୀ ବିଭିନ୍ନ ପ୍ରକାରର ଅସାମାଜିକ କାର୍ଯ୍ୟକଳାପ କରୁଛନ୍ତି। ଉକ୍ତ ଘଟଣାକୁ ଯଦି କୌଣସି ବିଧାୟକ କିମ୍ବା ପୂର୍ବତନ ବିଧାୟକ ପ୍ରତିବାଦ କରୁଛନ୍ତି ତା' ହେଲେ ସେମାନଙ୍କୁ ଜବରଦଖଲକାରୀ ଖରାପ ବ୍ୟବହାର କରିବାକୁ ପଛାଉ ନାହାନ୍ତି। ଗତ ଲଘୁଚାପ ବର୍ଷାରେ ପୂର୍ବତନ ବିଧାୟକଙ୍କ ଗେଷ୍ଟ ହାଉସ ସମ୍ମୁଖ ଡ୍ରେନରେ ପାଣି ଜମିବା ସାଙ୍ଗକୁ ଗେଟ୍ ଆଗରୁ କିଛି ଅଂଶ ଦବି ଯାଇଥିଲା। ଏହା ଫଳରେ ଗେଷ୍ଟ ହାଉସକୁ ଯିବା କଷ୍ଟକର ହୋଇପଡ଼ିଥିଲା। ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଡିଭିଜନ–୪ ନିର୍ବାହୀ ଯନ୍ତ୍ରୀ ବିଧାୟକ ଓ ବାଚସ୍ପତିଙ୍କ ନିର୍ଦ୍ଦେଶ ଅନୁସାରେ ତତ୍କାଳ ଉକ୍ତ ସମସ୍ୟାର ସମାଧାନ ସହ ଡ୍ରେନ ନିର୍ମାଣ ସାଙ୍ଗକୁ ଗେଟ୍ ସମ୍ମୁଖ ଭାଗର ମରାମତି ପାଇଁ କାର୍ଯ୍ୟାଦେଶ ଦେଇଛନ୍ତି। ହେଲେ ସବୁଠାରୁ ଗୁରୁତ୍ୱର ବିଷୟ ବିଧାୟକ କଲୋନୀ ଓ ପୂର୍ବତନ ବିଧାୟକଙ୍କ ଗେଷ୍ଟ ହାଉସ ସମ୍ମୁଖ ଭାଗ ଓ ଡ୍ରେନ ଉପରେ ଜବରଦଖଲ ରହିଥିବାରୁ ଡ୍ରେନ କାର୍ଯ୍ୟ ଅଧା ବାଟରେ ଅଟକି ରହିଛି। ନିର୍ମାଣ କାର୍ଯ୍ୟ ବିଳମ୍ବ ସାଙ୍ଗକୁ ବିଧାୟକ ଓ ସେମାନଙ୍କର ଅତିଥିମାନେ ଗେଷ୍ଟ ହାଉସ ଭିତରକୁ ଯିବା ଏବଂ ପାର୍କିଂ ଜନିତ ନାନା ସମସ୍ୟା ସୃଷ୍ଟି ହେଉଛି; ଯାହାକୁ ନେଇ ବର୍ତ୍ତମାନର କିଛି ବିଧାୟକ ଓ ପୂର୍ବତନ ବିଧାୟକମାନେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସମେତ ଗେଷ୍ଟ ହାଉସ କର୍ମଚାରୀଙ୍କ ଉପରେ ବିରକ୍ତି ଭାବ ପ୍ରକାଶ କରିଛନ୍ତି। ବାସ୍ତବରେ ଉକ୍ତ ଘଟଣା ପାଇଁ ଜବରଦଖଲ ଏକ ବଡ ସମସ୍ୟା ଥିଲେ ମଧ୍ୟ ଏହାକୁ ହଟାଇବା ସ୍ଥାନୀୟ ପ୍ରଶାସନ (ବିଏମ୍‌ସି)ର କାର୍ଯ୍ୟ ହୋଇଥିବାରୁ ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ କହିଛନ୍ତି ଯେ, ବିଏମ୍‌ସି ଜବରଦଖଲ ଉଚ୍ଛେଦ କରିଦେଲେ ନିର୍ମାଣ କାର୍ଯ୍ୟ କମ୍ ସମୟ ମଧ୍ୟରେ ଶେଷ ହେବା ସହିତ ଗେଷ୍ଟ ହାଉସ ପାଇଁ ଯେଉଁ ସମସ୍ୟା ଲାଗି ରହିଛି ତା'ର ସମାଧାନ ଖୁବ୍‌ଶୀଘ୍ର ହୋଇପାରିବ। ଏ ନେଇ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ବିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା କରି ଡ୍ରେନ ଉପରୁ ଜବରଦଖଲ ଉଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଧାୟକମାନେ କହିଛନ୍ତି।



ପୂର୍ବତନ ବିଧାୟକଙ୍କ ଗେଷ୍ଟ ହାଉସ ସମ୍ମୁଖରେ ଡ୍ରେନ ଅଧାପନ୍ତରିଆ ରହିଛି।

**ସଂକ୍ଷେପରେ**

## ବିଜେଡିରେ ସାମିଲ ହେଲେ କଂଗ୍ରେସ କର୍ମୀ

**କଣ୍ଟାପଡା, ୨୬।୯(ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନରେ ଅନୁପ୍ରାଣୀତ ହୋଇ କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣବାଟୀ ପଞ୍ଚାୟତର କେତେଜଣ କଂଗ୍ରେସ କର୍ମୀ ରବିବାର ବିଜେଡିରେ ସାମିଲ ହୋଇଛନ୍ତି। ନିଆଳି ବିଧାୟକ ପ୍ରଫେସର ପ୍ରମୋଦ ମଲ୍ଲିକଙ୍କ ବାସଭବନରେ ଆୟୋଜିତ ମିଶ୍ରଣ ପର୍ବରେ ବ୍ରାହ୍ମଣବାଟୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରବୀର ଭୋଇ, କଂଗ୍ରେସ କର୍ମୀ ସୁକାନ୍ତ ବେହେରା, କୈଳାସ ବେହେରା, ସୁକାନ୍ତ ଭୋଇ, ଘନଶ୍ୟାମ ଭୋଇ, ଜୟଦେବ ପାତ୍ର, କୈଳାସ ଭୋଇ ଓ ଅନିରୁଦ୍ଧ ଭୋଇଙ୍କ ସମେତ ବହୁ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏଥିରେ ବିଜେଡି ନେତା ପୀୟୂଷ ମିଶ୍ର, ସୁରେନ୍ଦ୍ର ପାତ୍ର, ସିଦ୍ଧାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାଗଲପୁର, ଅଡଶପୁରର କେତେଜଣ ଭାଜପା ଓ କଂଗ୍ରେସ କର୍ମୀ ମଧ ବିଜେଡିରେ ସାମିଲ ହୋଇଛନ୍ତି।

## ଭାଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କଟକ ଅଫିସ,୨୬।୯:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ଭାଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କୁ ସଂସ୍କୃତ ସଂଭାଷଣ ପ୍ରଶିକ୍ଷଣ ଦିଆଯିବ। ଏଥିରେ ପିଜି କାଉନ୍‌ସିଲ ଅଧକ୍ଷା ପ୍ରଫେସର ଅସୀମା ସାହୁ ଯୋଗଦେଇ କହିଥିଲେ, ସଂସ୍କୃତ କେବଳ କର୍ମକାଣ୍ଡର ଭାଷା ନୁହେଁ। ବିଭିନ୍ନ କ୍ଷେତ୍ରରେ ଏହାର ଉପଯୋଗ କରାଯାଉଛି। ଏହି ଶିବିରରେ ବିଶ୍ୱବିଦ୍ୟାଳୟ ଶିକ୍ଷାସଂଘ ଅଧକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର ମୁଖ୍ୟ ଅତିଥି ଓ ସଂସ୍କୃତ ଭାରତୀର ଅଧକ୍ଷ ଅଞ୍ଜିତ କୁମାର ସାହୁ ଅନ୍ୟ ଅତିଥି ଭାବେ ଯୋଗଦେଇଥିଲେ।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଫୁଲନଖରା,୨୬।୯(ଡି.ଏନ.ଏ.):** କଟକ ମହାନଗର ନିଗମ ୫୮ ନଂ. ୱାର୍ଡ ଅଧୀନ ଡାହାଳିଆବାଗ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠସ୍ଥଳରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଡାହାଳିଆବାଗ ହରପାର୍ବତୀ ପୂଜା କମିଟି ସଭାପତି ବଦ୍ରି ନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରି ପୂଜା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପୂଜା କମିଟି ସମ୍ପାଦକ ତଥା ପୂର୍ବତନ କର୍ପୋରେଟର କୌଶିକ ଜେନା, ଉପଦେଷ୍ଟା ସୁଶାନ୍ତ କୁମାର ମହାନ୍ତି, ପୁଲିନ ମହାପାତ୍ର, ରବୀନ୍ଦ୍ର ଖିଲାରଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## କେନାଲରୁ ମୃତଦେହ ଜବତ

**କଟକ ଅଫିସ, ୨୬।୯:** କଟକ ଯୋବ୍ରା ନିକଟ ତାଳଦଣ୍ଡା କେନାଲରୁ ରବିବାର ମାଲଗୋଦାମ ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ତାଙ୍କ ନାମ ୱାଇ. ସୁସ୍ମିତା(୩୦) ଓ ଘର ଦିୱାନବଜାର ତନ୍ତିସାହିରେ ବୋଲି ଜଣାପଡ଼ିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇ ତଦନ୍ତ ଆରମ୍ଭ କରିଛି।

## ରକ୍ତଦାନ ଶିବିର

**ଆଠଗଡ଼,୨୬।୯(ସ୍ୱ.ପ୍ର.):** ଆଠଗଡ଼ ଜୀବନବିନ୍ଦୁ ଓ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରାଧାଗୋବିନ୍ଦପୁର ପଞ୍ଚାୟତର ମା'ମଙ୍ଗଳା କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହାକୁ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁତ୍ର ଆଦିତ୍ୟ ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିଥିଲେ।

## ବିଶ୍ୱ ଫାର୍ମାସୀ ଦିବସ ପାଳିତ

**ଟାଙ୍ଗୀ(କଟକ), ୨୬।୯(ଡି.ଏନ.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କଡେଇ ଗ୍ରାମସ୍ଥିତ ଅରୋଶ୍ରୀ ଫାର୍ମାସୀ କଲେଜ ପରିସରରେ ଶନିବାର ବିଶ୍ୱ ଫାର୍ମାସୀ ଦିବସ ପାଳିତ ହୋଇଛି। ଅଧକ୍ଷ ନିହାର ରଞ୍ଜନ ପାଣିଙ୍କ ପୌରୋହିତ୍ୟରେ ଡିଜିଟାଲ ପ୍ଲାଟ୍‌ଫର୍ମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିଆଇ ସୁଦର୍ଶନ ବିଶ୍ୱାଳ, ପ୍ରଫେସର ସ୍ନେହମୟୀ ମହାପାତ୍ର, ଭେଷଜ ବିଜ୍ଞାନ ବିଶେଷଜ୍ଞ ମଧୁସ୍ମିତା ମିଶ୍ର ଯୋଗଦେଇ ଫାର୍ମାସୀ ପାଠ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧରେ ତର୍କ, କୁଇଜ୍, ରଚନା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡା. ଜ୍ୟୋତି ରାଉଳ, ସିରାଜ ଖାନ, ଦିବ୍ୟାଲୋକ ଦାଶ, ପ୍ରଭାସ ମିଶ୍ର, ଶୌଣ୍ଡିକ ବାରିକ, ଶୁଭସ୍ମିତା ପରିଡା ଓ ସାଇମନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭୁବନେଶ୍ୱରରେ ୩୪ ବିପଦସଙ୍କୁଳ ଡ୍ରେନ

**ଭୁବନେଶ୍ୱର, ୨୬।୯ (ବ୍ୟୁରୋ)**

ରାଜଧାନୀର ମୁକୁଳା ଡ୍ରେନ୍‌ରେ ପଡି ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଦାୟିତ୍ୱହୀନତାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଏବେ ତତ୍ପରତା ପ୍ରକାଶ ପାଇଛି। ସ୍ମାର୍ଟସିଟିରେ ମୁକୁଳା ପଡିଥିବା ଡ୍ରେନ ପାଇଁ ଯେପରି ଆଉ କୌଣସି ଜୀବନ ନ ଯିବ ସେଥିପାଇଁ କେତେକ ପ୍ରାକ୍ ପଦକ୍ଷେପ ନିଆଯାଇଛି। ସହରର ୩ଟି ଜୋନ୍‌ର ବିଭିନ୍ନ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ଥିବା ୩୪ଟି ଡ୍ରେନ୍ ଚିହ୍ନଟ କରାଯାଇଛି। ଦକ୍ଷିଣ ପୂର୍ବ ଜୋନ୍‌ରେ ୧୫, ଦକ୍ଷିଣ ପଶ୍ଚିମ ଜୋନ୍‌ରେ ୧୩ ଏବଂ ଉତ୍ତର ଜୋନ୍‌ରେ ୬ଟି ଡ୍ରେନ୍ ବିପଦସଙ୍କୁଳ ଅବସ୍ଥାରେ ରହିଛି।





ମୁକୁଳା ଡ୍ରେନ୍ ପାର୍ଶ୍ୱରେ ବିଏମ୍‌ସି ପକ୍ଷରୁ ବାଡ଼ ବନ୍ଧାଯାଇଛି।

ଏହି ଡ୍ରେନ୍‌ଗୁଡିକ ମୁକୁଳା ପଡିଥିବାରୁ ସେଠାରେ ସତର୍କ ସୂଚନା ଫଳକ ଲଗାଯିବା ସହ ବାଉଁଶବାଡ ବନ୍ଧା ଯାଇଛି। ପରବର୍ତ୍ତୀ ସମୟରେ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯିବା ବୋଲି କୁହାଯାଇଛି। ଏଥିସହ ଏସବୁ ଡ୍ରେନ୍ ଉପରେ ନଜର ରଖିବା ପାଇଁ ବିଏମ୍‌ସିର ୩୪ଜଣ

**ମୁକୁଳା ଡ୍ରେନ୍‌ରେ ବନ୍ଧାଗଲା ବାଉଁଶ ବାଡ଼, ନଜର ରଖିବେ ୩୪ କର୍ମଚାରୀ**

କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଡ୍ରେନ୍ ନିକଟରେ ବାଉଁଶ ବାଡ ଭାଙ୍ଗିଲେ କିମ୍ବା ଅନ୍ୟ କୌଣସି ଘଟଣା ହେଲେ ସେମାନେ ବିଏମ୍‌ସିକୁ ଅବଗତ କରାଇବେ। ଏଥିସହ ବିପଦସଙ୍କୁଳ ସ୍ଥାନରେ ପୋଲିସ ଫୋର୍ସ ମୁତୟନ ପାଇଁ କମିଶନର ସଞ୍ଜୟ କୁମାର ସିଂହ ପୋଲିସ କମିଶନରଙ୍କୁ ଚିଠି ଲେଖିଥିବା ବିଏମ୍‌ସିର ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ କମ୍ପାନୀର ମନମୁଖି କାର୍ଯ୍ୟକୁ ବିରୋଧ

**କଟକ ଅଫିସ, ୨୬।୯**

ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାରର ମନମୁଖି କାର୍ଯ୍ୟକଳାପକୁ ବିରୋଧ କରି ଓଡ଼ିଶା ବିଦ୍ୟୁତ୍ ଠିକାଦାର ସଂଘ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ପ୍ରତିଷ୍ଠାତା ତ୍ରିନାଥ ମୁଦୁଲି, ସଭାପତି ଯତୀନ୍ଦ୍ର ପ୍ରଧାନ, ଉପ ସଭାପତି ତୋଫାନ କୁମାର ପରିଡା ଓ ସମ୍ପାଦକ ନୃସିଂହ ଚରଣ ଦାସଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଉକ୍ତ କମ୍ପାନୀ ରାଜ୍ୟ ବାହାରର କଣ୍ଟ୍ରାକ୍ଟରଙ୍କୁ ଏଠାକୁ ଆଣି କାମ କରାଉଛି। ଏଥିଯୋଗୁ ସ୍ଥାନୀୟ କଣ୍ଟ୍ରାକ୍ଟରମାନେ କାମ ପାଉନାହାନ୍ତି। ଫଳରେ ଓଡ଼ିଶା ଇଲେକ୍ଟ୍ରିସିଟି ରେଗୁଲେଟୋରି ଏବଂ ରାଜ୍ୟ ଶକ୍ତି ବିଭାଗର ସମସ୍ତ ନିୟମରେ ପଞ୍ଜୀକୃତ ହୋଇଥିବା ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟରମାନେ ବେକାର ହେବାକୁ ବସିଲାଣି। କାମ କରିବା ପାଇଁ କଣ୍ଟ୍ରାକ୍ଟରମାନେ ଯେଉଁ ଅଣୁ, କ୍ଷୁଦ୍ର ଶିଳ୍ପଠାରୁ ସାମଗ୍ରୀ କିଣିଥାନ୍ତି ତାହା ହେଉନାହିଁ । ଫଳରେ ବିକ୍ରେତାମାନେ ଜୀବିକା ହରାଇ ହାତବାନ୍ଧି ବସିଛନ୍ତି। କମ୍ପାନୀର ଏଭଳି ନୀତିକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଆଗାମୀ ଦିନରେ କଣ୍ଟ୍ରାକ୍ଟର ମାରଣ ନିତୀକୁ କମ୍ପାନୀ କର୍ତ୍ତୃପକ୍ଷ ପରିବର୍ତ୍ତନ ନ କଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ଉପ ସଭାପତି ପରିଡା ଚେତାବନୀ ଦେଇଛନ୍ତି। ତେବେ ଏ ସମ୍ପର୍କରେ ଟାଟା ପାୱାରର ନିର୍ବାହୀଯନ୍ତ୍ରୀ ଦୀପକ କୁମାର ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

# ମନମୋହିଲା ଓଡ଼ିଶୀ ନୃତ୍ୟ



ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପରିସରରେ ରବିବାର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

**କଟକ ଅଫିସ, ୨୬।୯**

କଟକ ମହତାବ ରୋଡସ୍ଥିତ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପରିସରରେ ନବ ଗୁଞ୍ଜନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶୀ ନୃତ୍ୟଗୁରୁ ମୀରା ଦାସ ଯୋଗଦେଇ ଓଡ଼ିଶୀ ନୃତ୍ୟର ଅଗ୍ରଗତି ନିମନ୍ତେ ପ୍ରୟାସ ଜାରି ରଖିଛି ବୋଲି କହିଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀମାନେ ଶିବତାଣ୍ଡବ ସହ ଅନ୍ୟାନ୍ୟ ନୃତ୍ୟ ପରିବେଷଣ କରିଥିଲେ। ସେଥିମଧ୍ୟରୁ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ଏଥିସହ ଶନିବାର ନବଗୁଞ୍ଜନ ପକ୍ଷରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଭାରାସାମ୍ୟ ହରାଇ ନାଳକୁ କାର ଖସିଲା

**ବାଙ୍କୀ,୨୬।୯(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଶିମିଳିପୁର ପଞ୍ଚାୟତ ନିକଟ କଇଁଆ ନାଳ ଉପରେ ଭାରସାମ୍ୟ ହରାଇ ଗୋଟିଏ କାର ରବିବାର ସକାଳୁ ନାଳ ତଳକୁ ଖସିପଡ଼ିଛି। ସୌଭାଗ୍ୟବଶତଃ ଚାଳକ ଓ କାରରେ ଥିବା ତାଙ୍କ ସହଯୋଗୀ ରକ୍ଷା ପାଇଯାଇଛନ୍ତି। ସ୍ଥାନୀୟ ଲୋକେ ପାଣିରେ ପଶି ଉଭୟଙ୍କୁ ଉଦ୍ଧାର କରିଥିଲେ। କାର ମାଲିକ ତଥା ଚାଳକ ହେଲେ ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଶିଶୁଆ ଗ୍ରାମର କାଳନ୍ଦୀ ବେହେରା। ଅନ୍ୟ ଜଣେ ହେଲେ ଏଡି ଗ୍ରାମର ଅନିଲ୍ ତ୍ରିପାଠୀ। କାଳନ୍ଦୀ କାରରେ ଅନିଲଙ୍କ ସହ ବିଲିପଡାରୁ ଶିଶୁଆ ଆସୁଥିଲେ। କଇଁନାଳ ପୋଲ ପାଖରେ କାର ଭାରସାମ୍ୟ ହରାଇ ପୋଲର ଖୁଣ୍ଟି ବାଡ଼ରେ ଧକ୍କା ହୋଇଥିଲା। ଫଳରେ କାର ନାଳକୁ ଖସିପଡିଥିଲା। ନାଳରେ ବନ୍ୟା ପାଣିଥିବାରୁ କାର କିଛି ବାଟ ଭାସି ଯାଇଥିଲା। ସ୍ଥାନୀୟ ଲୋକେ ପାଣିରେ ପହଁରି ଗାଡିରୁ ଉଭୟଙ୍କୁ ବାହାର କରିଥିଲେ। ଏଥିସହ ଟ୍ରାକ୍ଟର ଯୋଗେ ନାଳରୁ କାରକୁ କାଢ଼ିଥିଲେ।

## ଫଟୋଗ୍ରାଫର ସଂଘର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଟାଙ୍ଗୀ(କଟକ), ୨୬।୯(ଡି.ଏନ.ଏ.)**

ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡସ୍ଥିତ ରୋଟାରୀ ଭବନରେ ଚୌଦ୍ୱାର ଫଟୋଗ୍ରାଫର ସଂଘର ତୃତୀୟ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ସତ୍ୟବ୍ରତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ସୌଭିକ୍ ବିଶ୍ୱାଳ, ମୁଖ୍ୟବକ୍ତା ଅବିନାଶ ପାତ୍ର ଓ ସମ୍ମାନିତ ଅତିଥିଭାବେ ଦିଲୀପ ଛତାର, ଶୁଭେନ୍ଦୁ ସାମଲ ଯୋଗଦେଇଥିଲେ। ଗତ ଦିନରେ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିର, ଶୁଖିଲା ଖାଦ୍ୟ ବଣ୍ଟନ, ଗରିବଙ୍କୁ ସହାୟତା ରାଶି ପ୍ରଦାନ ଭଳି ଅନେକ କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ବରିଷ୍ଠ ଫଟୋ ଗ୍ରାଫର ରମେଶ ଚନ୍ଦ୍ର ମହାପାତ୍ର, ଗୋକୁଳାନନ୍ଦ ସାହୁ ଓ ଉପେନ୍ଦ୍ର ନାଇଡୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ପକ୍ଷରୁ ଏକ କାର୍ଯ୍ୟକାରିଣୀ ବୈଠକରେ ଆଗାମୀ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଦୀପକ ବେଉରା, ତ୍ରିନାଥ ମାହୁନ୍ତ, ପ୍ରଦୀପ ମହାପାତ୍ର, ସେକ୍ ଶୋଭାନ, ଆଲୋକ କୁମାର ଦାସ ଓ ପରିକ୍ଷିତ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨୪ ମନ୍ଦିରକୁ ୩ କୋଟି ୨୦ ଲକ୍ଷ ଅନୁଦାନ

**ନିଶ୍ଚିନ୍ତକୋଇଲି,୨୬।୯(ସ୍ୱ.ପ୍ର.)**

ରାଜ୍ୟ ଆଇନ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତରଫରୁ ୨୪ ମନ୍ଦିରକୁ ୩ କୋଟି ୨୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଏହି ମନ୍ଦିରଗୁଡ଼ିକ ମଧ୍ୟରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧୀନରେ ୨୩ ଓ କଟକ ସଦର ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲି ବ୍ଲକର ଗୋଟିଏ ମନ୍ଦିର ରହିଛି। ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧୀନ ବୁହାଲୋ ଗୋପୀନାଥ ଜୀଉ ମନ୍ଦିର ନିମନ୍ତେ ୭୦ ଲକ୍ଷ, କେଣ୍ଟାଲୋ ପଞ୍ଚାୟତ ମଲ୍ଲିପୁର(ଅସୁରେଶ୍ୱର) ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ନିମନ୍ତେ ୩୧ ଲକ୍ଷ, ଦାଉଦପୁର ମା'ବୁଢୀ ଜାଗୁଳାଇ ମନ୍ଦିର ନିମନ୍ତେ ୩୦ ଲକ୍ଷ, ଅସୁରେଶ୍ୱର ପଞ୍ଚାୟତର କୋଇଲୋ ଦଧିବାମନ ଜୀଉ ମନ୍ଦିର ନିମନ୍ତେ ୨୯ ଲକ୍ଷ, କେରିଲୋ ପଞ୍ଚାୟତ ଛପଟିକିଣାସ୍ଥିତ ମା'ହରଚଣ୍ଡୀ ମନ୍ଦିର ନିମନ୍ତେ ୨୧ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ମିଳିଛି। ଜିଗ୍ନିପୁର ବଳଦେବଜୀଉ ମନ୍ଦିର, ସହଦେବପୁର ମସ୍ତରାମଠ ବଳଦେବ ଜୀଉ ମନ୍ଦିର ଓ ଅସୁରେଶ୍ୱରସ୍ଥିତ ଦିକ୍ଷିତପଡା ମା'ଭଗବତୀଙ୍କ ମନ୍ଦିର ନିମନ୍ତେ ୨୦ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଦିଆଯାଇଛି।



ସେହିପରି କୋଲଣପୁର ପଞ୍ଚାୟତର କୁଲିଆସ୍ଥିତ ରଘୁନାଥଜୀଉ ମନ୍ଦିର ଓ ବାଲିଆପଦା ପଞ୍ଚାୟତ ଭୋଳେଶ୍ୱର ମନ୍ଦିର ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ମିଳିଛି। କେଣ୍ଟାଲୋ ଗୋପୀନାଥ ଜୀଉ ମନ୍ଦିର ନିମନ୍ତେ ୧୦ ଲକ୍ଷ ୫୦ ହଜାର ଟଙ୍କା ମିଳିଛି। କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ନିମନ୍ତେ ୨୭ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ବାଗେଶ୍ୱରୀ ଠାକୁରାଣୀଙ୍କ ପାଇଁ ୫ ଲକ୍ଷ, କୁଜଙ୍ଗ ବିହାରୀ ମନ୍ଦିର ଓ ଭୋଳେଶ୍ୱର ମହାଦେବଙ୍କ ପୀଠର ଉନ୍ନତି ନିମନ୍ତେ ୪ ଲକ୍ଷ ଟଙ୍କା ଲେଖାଏ ବ୍ୟୟବରାଦ କରାଯାଇଛି। ଏହାଛଡ଼ା ରଙ୍ଗେଶ୍ୱର ଠାକୁରାଣୀ, ମା'କାଳିକା ଠାକୁରାଣୀ, ପତିତପାବନଜୀଉ, ତୁଳସୁକରପଡ଼ା ଜଗନ୍ନାଥ ମହାପ୍ରଭୁ, ଦ୍ୱାରଶୁଣି ଠାକୁରାଣୀ, ସିଦ୍ଧ ହନୁମାନ ଜୀଉ ମନ୍ଦିର, ବରାଦୋ ଦଧିବାମନ ମନ୍ଦିର, ଦେବରାଳ ମଠ ନିମନ୍ତେ ମଧ ଅନୁଦାନ ଦିଆଯାଇଛି।

## ସରକାରୀ ପୋର୍ଟାଲରେ ଗ୍ରାମ ସେବକ କ୍ୟାଡର ବଦଳିନି

**କଟକସଦର,୨୬।୯(ଡି.ଏନ୍.ଏ.)**

ରାଜ୍ୟର ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ଗ୍ରାମସେବକ(ଭିଏଲ୍‌ଡବ୍ଲ୍ୟୁ)ମାନଙ୍କର କ୍ୟାଡରରେ ପରିବର୍ତ୍ତନ କରାଯାଇ ପିଇଓ(ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ) କରାଯାଇଥିଲା। ଏହି ନିୟମ ପରିବର୍ତ୍ତନର ସାଢ଼େ ୫ବର୍ଷ ବିତିଯାଇଥିଲେ ମଧ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ପରିଚାଳିତ ମାନବ ସମ୍ବଳ ପରିଚାଳନା ପଦ୍ଧତି ପୋର୍ଟାଲରେ ଅଦ୍ୟାବଧି ପିଇଓମାନଙ୍କୁ ଗ୍ରାମସେବକ ବୋଲି ଉଲ୍ଲେଖ କରାଯାଇଛି। ଯାହାକୁ ନେଇ କଟକ ସଦର ଅଞ୍ଚଳର ପିଇଓଙ୍କ ସମେତ ରାଜ୍ୟର ଅନ୍ୟ ସମସ୍ତ ପିଇଓମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ପଞ୍ଚାୟତି ରାଜ ବିଭାଗ ତରଫରୁ ୨୦୧୫ ଡିସେମ୍ବର ୧୦ତାରିଖରେ ଓଡ଼ିଶା ଗେଜେଟରେ ଏକ ନିର୍ଦ୍ଧାରଣ ପ୍ରକାଶ ପାଇଥିଲା। ଏଥିରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୧୨୨ର ପରିବର୍ତ୍ତନ କରାଯାଇ ଗ୍ରାମସେବକମାନଙ୍କ କ୍ୟାଡରକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କରାଗଲା ବୋଲି ଉଲ୍ଲେଖ ରହିଛି। ମାତ୍ର ସରକାରୀ ପୋର୍ଟାଲରେ ଏହାର ପରିବର୍ତ୍ତନ ହୋଇପାରୁନି।

## ବକ୍ସିବଜାର ଖବରକାଗଜ ବିକ୍ରେତା ସଂଘର କର୍ମକର୍ତ୍ତା ନିର୍ବାଚନ



**କଟକ ଅଫିସ, ୨୬।୯**

କଟକ ବକ୍ସିବଜାର ଖବରକାଗଜ ବିକ୍ରେତା ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ବାରବାଟୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବିଜୟ କୁମାର ପଡିହାରୀ, ଉପ ସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଦାଶ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, କମିଟି ସଭ୍ୟ ଭାବେ ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଶାନ୍ତ ସାହୁ ଓ ପ୍ରଦ୍ୟୁମ୍ନ ବିଶୋଇ ତିନି ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ପରିବେଶବିତ୍ ଜାନକୀ ବଲ୍ଲଭ ମହାନ୍ତି, ଇସ୍କଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ସଞ୍ଜୟ ପରିଡା ଓ ଶ୍ରମିକନେତା ରବୀନ୍ଦ୍ର ନାଥ ଜେନା ନିର୍ବାଚନ ପରିଚାଳନା କରିଥିଲେ।

# 'କନ୍ୟା ରତ୍ନର ଯତ୍ନ ଆବଶ୍ୟକ'

**କନ୍ୟା ଦିବସ ପାଳିତ**

**ବାଙ୍କୀ,୨୬।୯(ସ୍ୱ.ପ୍ର.)**

ଆଦର୍ଶ ଯୁବ ପରିଷଦ ଚକାପଦା ଓ ଲାଲବାହାଦୁର ଯୁବ ସଂଗଠନ କଲରାଅଣ୍ଟା ମିଳିତ ସହଯୋଗରେ ରବିବାର ଡମପଡ଼ା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କଲରାଅଣ୍ଟାଠାରେ କନ୍ୟା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ ଯୋଗଦେଇ ନାରୀର ସାମର୍ଥ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କନ୍ୟା ଗୋଟିଏ ରତ୍ନ, ତାହାର ଯତ୍ନ ନେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ସାମାଜିକ କର୍ମୀ ଗୌତମ ମିଶ୍ର ଯୋଗଦେଇ ଆଜିର ଦିବସର ମହତ୍ୱ ସମ୍ପର୍କରେ କହିଥିଲେ। ସେ କନ୍ୟା ଭ୍ରୂଣର ହତ୍ୟା ନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ କନ୍ୟା ଶିକ୍ଷା ସମ୍ପର୍କରେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଲାଲ୍‌ବାହାଦୁର ଯୁବ ସଂଗଠନ ଆବାହକ ପ୍ରକାଶଚନ୍ଦ୍ର ପ୍ରଧାନ ଯୋଗଦେଇ କନ୍ୟାର ବିକାଶରେ ଯୋଗଶିକ୍ଷା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ କୁମାର ସାମଲ ଯୋଗଦେଇ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ।

# ମନମୋହନ ଥିଲେ ମାଟି, ମଣିଷର ବିଦଗ୍ଧ କବି

**କଟକ ଅଫିସ, ୨୬।୯**

ମନମୋହନ ମିଶ୍ର ଥିଲେ ମାଟି ଓ ମଣିଷର ବିଦଗ୍ଧ କବି। ତାଙ୍କ କବିତାରେ ଥିଲା ଦେଶପ୍ରେମର ଅପୂର୍ବ ଝଙ୍କାର। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ କଟକ ଶତାବ୍ଦୀ ଭବନଠାରେ ମନମୋହନ ମିଶ୍ର ଜନ୍ମ ଶତବାର୍ଷିକ ଆଲୋଚନାଚକ୍ରକୁ ବିଶିଷ୍ଟ ରାଜନେତା ତ୍ରିଲୋଚନ କାନୁନ୍‌ଗୋ ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ପ୍ରଥମ ଅଧିବେଶନରେ ଗବେଷକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ମିହିର କୁମାର ସାହୁ ସ୍ୱାଗତ ଭାଷଣ ଓ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସେହିପରି କବି ଅମରେଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଗବେଷକ ଡ. ପ୍ରକାଶ କୁମାର ପରିଡ଼ା, ଡ. ବୈଜୟନ୍ତୀ ମିଶ୍ର ପ୍ରବନ୍ଧ ପାଠ କରିଥିଲେ। ସମାଲୋଚକ ପ୍ରଫେସର ବିଜୟ କୁମାର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ତୃତୀୟ ଅଧିବେଶନରେ କବି ମନମୋହନ ମିଶ୍ରଙ୍କ କନ୍ୟା ଡ. ଅପରିମିତା ମିଶ୍ର, ଡ. ଜ୍ଞାନୀ ଦେବାଶିଷ ମିଶ୍ର ଏବଂ ଡ. ଲକ୍ଷ୍ମଣ କୁମାର ସାହୁ ପ୍ରବନ୍ଧ ପାଠ କରିଥିଲେ। ସେହିପରି ସନ୍ଧ୍ୟାରେ 'କବିସନ୍ଧି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଡ. ହୁସେନ୍ ରବି ଗାନ୍ଧୀ ସ୍ୱରଚିତ କବିତା ପାଠ କରିଥିବାବେଳେ ଅଧ୍ୟାପକ ପ୍ରସନ୍ନ ସ୍ୱାଇଁ, ଡ. ଅପରିମିତା ମିଶ୍ର, ଡା. ସୁଦର୍ଶନ ପଟ୍ଟନାୟକ, ଅଖିଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ୩୪ ବିପଦସଙ୍କୁଳ ଡ୍ରେନ୍



ମୁକୁଳା ଡ୍ରେନ୍ ପାର୍ଶ୍ୱରେ ବିଏମ୍‌ସି ପକ୍ଷରୁ ବାଉଁଶ ବାଡ଼ ଦିଆଯାଇଛି।

**ଭୁବନେଶ୍ୱର, ୨୬।୯ (ବ୍ୟୁରୋ)**

ରାଜଧାନୀର ମୁକୁଳା ଡ୍ରେନ୍‌ରେ ପଡି ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଦାୟିତ୍ୱହୀନତାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଏବେ ତତ୍ପରତା ପ୍ରକାଶ ପାଇଛି। ସ୍ମାର୍ଟସିଟିରେ ମୁକୁଳା ପଡିଥିବା ଡ୍ରେନ ପାଇଁ ଯେପରି ଆଉ କୌଣସି ଜୀବନ ନ ଯିବ ସେଥିପାଇଁ କେତେକ ପ୍ରାକ୍ ପଦକ୍ଷେପ ନିଆଯାଇଛି। ସହରର ୩ଟି ଜୋନ୍‌ର ବିଭିନ୍ନ ସ୍ଥାନରେ ବିପଜ୍ଜନକ ଅବସ୍ଥାରେ ଥିବା ୩୪ଟି ଡ୍ରେନ୍ ଚିହ୍ନଟ କରାଯାଇଛି। ଦକ୍ଷିଣ ପୂର୍ବ ଜୋନ୍‌ରେ ୧୫, ଦକ୍ଷିଣ ପଶ୍ଚିମ ଜୋନ୍‌ରେ ୧୩ ଏବଂ ଉତ୍ତର ଜୋନ୍‌ରେ ୬ଟି ଡ୍ରେନ୍ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଡ୍ରେନ୍‌ଗୁଡିକ ମୁକୁଳା ପଡିଥିବାରୁ ସେଠାରେ ସତର୍କ ସୂଚନା ଫଳକ ଲଗାଯିବା ସହ ବାଉଁଶବାଡ ବନ୍ଧା ଯାଇଛି।

**ମୁକୁଳା ଡ୍ରେନ୍‌ରେ ବନ୍ଧାଗଲା ବାଉଁଶ ବାଡ଼, ନଜର ରଖିବେ ୩୪ କର୍ମଚାରୀ**

ପରବର୍ତ୍ତୀ ସମୟରେ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯିବା ବୋଲି କୁହାଯାଇଛି। ଏଥିସହ ଏସବୁ ଡ୍ରେନ୍ ଉପରେ ନଜର ରଖିବା ପାଇଁ ବିଏମ୍‌ସିର ୩୪ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଡ୍ରେନ୍ ନିକଟରେ ବାଉଁଶ ବାଡ ଭାଙ୍ଗିଲେ କିମ୍ବା ଅନ୍ୟ କୌଣସି ଘଟଣା ହେଲେ ସେମାନେ ବିଏମ୍‌ସିକୁ ଅବଗତ କରାଇବେ। ଏଥିସହ ବିପଦସଙ୍କୁଳ ସ୍ଥାନରେ ପୋଲିସ ଫୋର୍ସ ମୁତୟନ ପାଇଁ କମିଶନର ସଞ୍ଜୟ କୁମାର ସିଂହ ପୋଲିସ କମିଶନରଙ୍କୁ ଚିଠି ଲେଖିଥିବା ବିଏମ୍‌ସିର ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବଟି ମାଗିବା ଅଭିଯୋଗରେ ୫ ଗିରଫ

**ପୁରୀ ଅଫିସ,୨୬।୯:** ବଟି ଆଦାୟ କରିବା ଅଭିଯୋଗରେ ପୁରୀ ସମୁଦ୍ରକୂଳ ଥାନା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ତିଆଡିସାହି ବାଲି ଉପରର ଲୋକନାଥ ମଲ୍ଲିକ, ସତ୍ୟପ୍ରକାଶ ମଲ୍ଲିକ, ସିଟି ରୋଡ ଶାନ୍ତିକୁଞ୍ଜ ଲେନ୍‌ର କାହ୍ନୁଚରଣ ନାୟକ ଏବଂ ବଳିଆପଣ୍ଡା ଥାନା ଅନ୍ତର୍ଗତ ଧୋବାଖାଲ ଅଞ୍ଚଳର ସୁନୀଲ ଦୀକ୍ଷିତ। ଏମାନଙ୍କଠାରୁ ଗୋଟିଏ ଭୁଜାଲି, ଜିଆଇ ପାଇପ୍ ଏବଂ ୪୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ.୨୦୫/୨୧ରେ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ସକାଳେ ଥାନାର ଏଏସ୍‌ଆଇ ବିଜୟ ମହାପାତ୍ର କେତେଜଣ ପୋଲିସ କର୍ମଚାରୀଙ୍କ ସହ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଚୈତନ୍ୟ ଛକ ନିକଟରେ କେତେଜଣ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ର ଦେଖାଇ ସ୍ଥାନୀୟ ଅଞ୍ଚଳରେ ବଟି ମାଗୁଥିବା ଖବରପାଇ ଥିଲେ। ପରେ ସେହି ଅଞ୍ଚଳରେ ଚଢ଼ାଉ କରି ଚାରି ଜଣଙ୍କୁ ଗିରଫ କିରି ଥାନାକୁ ଆଣିବା ସହ କୋର୍ଟ ଚାଲାଣ କରିଛି। ସେହିପରି ସଦର ଥାନାର ଏସ୍‌ଆଇ ଶିବାଶିଷ ଦାସ ମଧ୍ୟ ପାଟ୍ରୋଂଲି କରୁଥିବା ସମୟରେ ଅର୍ବାନ ଛକ ନିକଟରେ ଜଣେ ବ୍ୟକ୍ତି ବଟି ଆଦାୟ କରୁଥିବା ଖବର ପାଇ ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲେ। ଅଭିଯୁକ୍ତକୁ ଗିରଫ କରି ଥାନାକୁ ଆଣି ପଚରାଉଚରା କରିଥିଲେ। ସେ ହେଲେ ସଦରଥାନ ଅନ୍ତର୍ଗତ ଅଠରନଳାର କାହ୍ନା ବାରିକ। ତାଙ୍କଠାରୁ ଗୋଟିଏ ଭୁଜାଲି ସହ ନଗଦ ୭୦୦ ଟଙ୍କା ଜବତ ହୋଇଥିଲା।

### କୋରେକ୍ସ ବିକି ଜଣେ ଗିରଫ

**ପୁରୀ ଅଫିସ,୨୬।୯:** ବେଆଇନ ଭାବେ କୋରେକ୍ସ ବିକ୍ରି କରିବା ଅଭିଯୋଗରେ ଜଣେ ଯୁବକଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ରାମଚଣ୍ଡୀ ସାହି ବାଲି ଉପରର ରଞ୍ଜନ ଚମ୍ପତି (୨୯)। ତାଙ୍କଠାରୁ ୨୦ ବୋତଲ କୋରେକ୍ସ ସହ ଗୋଟିଏ ସ୍କୁଟି ଜବତ ହୋଇଛି। ଏ ନେଇ ପୋଲିସ ନଂ. ୩୪୫/୨୧ରେ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଥାନା ପକ୍ଷରୁ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିବା ସମୟରେ ଆଶ୍ରମ ଛକ ନିକଟରେ ଜଣେ ବ୍ୟକ୍ତି କୋରେକ୍ସ ବିକୁଥିବା ଖବର ପାଇଥିଲେ। ପୋଲିସ ପକ୍ଷରୁ ଉକ୍ତ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଆଶ୍ରମ ଛକ ନିକଟରେ ଜଣେ ବ୍ୟକ୍ତି ନମ୍ବର ବିହୀନ ସ୍କୁଟି ଉପରେ ଏକ ଜରି ବ୍ୟାଗରେ କୋରେକ୍ସ ବିକ୍ରି କରୁଥିବା ଦେଖି ତାଙ୍କୁ ଗିରଫ କରିଥିଲେ।

### ଉପନ୍ୟାସ ଲେଖାକୁ ପ୍ରୋତ୍ସାହନ ମିଳିବା ଆବଶ୍ୟକ

**ଭୁବନେଶ୍ୱର,୨୬।୯(ବ୍ୟୁରୋ):** ଉପନ୍ୟାସରେ ସମୟର ପୁନଃ ନିର୍ମାଣ ଓ ଅଙ୍କନର ସାମର୍ଥ୍ୟ ରହିଛି । ଏହା ସହିତ ଭାବର ବ୍ୟାପ୍ତି ଓ ବୈଚିତ୍ର୍ୟର ଉପସ୍ଥାପନା ପାଇଁ ଉପନ୍ୟାସ ରଚନାରେ ସୁଯୋଗ ରହିଛି। ଓଡ଼ିଆ ସାହିତ୍ୟରେ ଉପନ୍ୟାସ ରଚନା ଶିଥିଳ ହେଉଥିବା ପରିପ୍ରେକ୍ଷୀରେ ବହୁସଂଖ୍ୟାରେ ଉପନ୍ୟାସ ଲେଖାକୁ ପ୍ରୋତ୍ସାହନ ମିଳିବା ଆବଶ୍ୟକ ବୋଲି ଲେଖକ ଅଧାପକ ବିଶ୍ୱରଞ୍ଜନ କହିଛନ୍ତି । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ କୃଷକ ସମାଜରେ ଉପନ୍ୟାସ 'ସୀମାରେଖା'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱରଞ୍ଜନ ତାପସ ସାହାଙ୍କ ଲିଖିତ ଏହି ଉପନ୍ୟାସର ପାଠକାର୍ପଣ କରି ଭାରତ-ଚୀନ ଯୁଦ୍ଧର କାଳ୍ପନିକ ପୃଷ୍ଠଭୂମିରେ ଏକ ପ୍ରେମକାହାଣୀକୁ ସଫଳ ଭାବରେ ଲେଖକ ପ୍ରକାଶ କରିଥିବା କହିଥିଲେ। କଥାକାର ରାଜ୍ୟ ବର୍ଦ୍ଧନ ଧଳମହାପାତ୍ର ଓଡ଼ିଆ ସାହିତ୍ୟ ଜଗତକୁ ତାପସଙ୍କ ପ୍ରବେଶ ଉତ୍ସାହଜନକ ବୋଲି ଉଲ୍ଲେଖ କରି ଉପନ୍ୟାସର ସମୀକ୍ଷା କରିଥିଲେ। ଟ୍ରଷ୍ଟ ଉପସଭାପତି କବି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାପତି ସୂର୍ଯ୍ୟ ମିଶ୍ର ସାମ୍ପ୍ରତିକ ସାହିତ୍ୟ ସଂଗଠନର କ୍ରିୟାଶୀଳତା ଉପରେ ସୂଚନା ଦେଇଥିଲେ। ମୌସୁମୀ ଦାସ 'ଏ ମାସର କବି' ଭାବେ ଯୋଗଦେଇ କବିତା ପାଠ କରିଥିଲେ।

### ୩୧ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୨୬।୯:** ଖୋର୍ଦ୍ଧା ଉପକଣ୍ଠ ହଳଦିଆ କଲେଜର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ଏବଂ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ କ୍ୟାମ୍ପସ ପରିସରରେ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୩୧ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଲାଇ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାମଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ଉପସ୍ଥିତ ଥିଲେ। ପାର୍ଥସାରଥି ରଥ, ଅରୁଣା ଭଞ୍ଜଦେଓ ପରିଚାଳନା କରିଥିଲେ।

## ଉଚ୍ଛେଦ ପରେ କଞ୍ଚାମାଲ ବେଆଇନ ଭାବେ ସ୍ଥାନାନ୍ତର

**ପୁରୀ ଅଫିସ,୨୬।୯**

ଶ୍ରୀମନ୍ଦିର ଐତିହ୍ୟ କରିଡ଼ର ଯୋଜନାରେ ୭୫ ମିଟର ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ତେବେ ଉଚ୍ଛେଦ ହେବା ପରେ ବାହାରୁଥିବା ଭଙ୍ଗା ଇଟା, ଛଡ଼ ଇତ୍ୟାଦି ବେଆଇନ ଭାବେ ଉଠାଇ ନିଆଯାଉଥିବା ଅଭିଯୋଗ ହୋଇଛି। ରାତିତମାମ୍ ଉଚ୍ଛେଦ ପରେ ପଡ଼ିରହିଥିବା ଭଗ୍ନାଂଶକୁ ଟ୍ରାକଟର ଯୋଗେ ଗାଣ୍ଡୁଆଚଉରା ଛକରୁ ଲୋକନାଥ ରୋଡ୍ ମାର୍ଗ ଦେଇ ବାହାରକୁ ନିଆଯାଉଛି। ଅଭିଯୋଗକାରୀ ସୁବ୍ରତ କୁମାର ଦାସଙ୍କ କହିବା ଅନୁଯାୟୀ, ସରକାରୀ ଅଧିକୃତ ଅଞ୍ଚଳରୁ ଏଭଳି କଞ୍ଚାମାଲ୍ ଉଠାଇ ନିଆଯାଇ ବେସରକାରୀ ଜମି ପୋତା ଯାଉଛି। ଏ ନେଇ ବେସରକାରୀ ଜମି ମାଲିକମାନେ ପ୍ରଶାସନକୁ ମୋଟା ଅଙ୍କର ଟଙ୍କା ଦେଉଛନ୍ତି। ନିଲାମ ଉଦ୍ଦେଶ୍ୟରେ ଥିବା ଏହି କଞ୍ଚାମାଲ୍‌କୁ କାହା ଅନୁମତିରେ ବିକ୍ରି କରାଯାଉଛି ଓ କାହା ନିର୍ଦ୍ଦେଶରେ ଏଭଳି ଅନିୟମିତତା ଚାଲିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସୁବ୍ରତ ପୂର୍ବରୁ ମଧ୍ୟ ଐତିହ୍ୟ କରିଡର ପାଇଁ ଉଚ୍ଛେଦ ପରେ ଲୁହା ରଡ୍ ଭଳି କଞ୍ଚାମାଲ୍‌କୁ ବେଆଇନ ଭାବେ ବିକ୍ରି କରାଯାଇଥିବା ଅଭିଯୋଗ ଆଣି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଏବେ ପୁଣି କଞ୍ଚାମାଲ୍ ଚୋରି ହେବାରେ ଲାଗିଛି। ଟ୍ରାକ୍ଟରରେ ମାଟି ବୁହା ହୋଇ ଲୋକନାଥ ରୋଡ୍ ମାର୍ଗ ଦେଇ ଯିବାର ଭିଡିଓ ସାମ୍ନାକୁ ଆସିଛି। ଏନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଜଗନ୍ନାଥ ବସ୍ତିରେ ବର୍ଷା ଜଳ ପଶି ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ସେଠାରେ ମାଟି ପକାଇବା ପାଇଁ କଞ୍ଚାମାଲ୍ ଯାଉଛି। ଲୋକନାଥ ମନ୍ଦିର କାର୍ଯ୍ୟ ପାଇଁ ମଧ୍ୟ ଇଟା ଓ ମାଟି ଇତ୍ୟାଦି ଦରକାର ପଡୁଛି। ସଂପୃକ୍ତ ସ୍ଥାନକୁ ବୁହା ହେଉଛି।

## ସମ୍ପର୍କ ଯୋଡ଼ି ସମାଜରେ ବଞ୍ଚିବା ଶିଖାଇଛି ଗାଁ

**ଭୁବନେଶ୍ୱର, ୨୬।୯ (ବ୍ୟୁରୋ)**

ଗାଁରେ ଅଛି ଆମ ପରିଚୟର ପହିଲି ସ୍ୱାକ୍ଷର। ସମ୍ପର୍କ ଯୋଡି କିଭଳି ସମାଜିକ ଜୀବନ ବଞ୍ଚିହୁଏ ତାହା ଗାଁ ଆମକୁ ଶିଖାଇଛି ବୋଲି ଭାଷା ତତ୍ତ୍ୱବିତ୍ ପଦ୍ମଶ୍ରୀ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ କହିଛନ୍ତି। ରବିବାର ସାହିତ୍ୟାୟନର ସ୍ୱତନ୍ତ୍ର ଆସର 'ସାହିତ୍ୟରେ ଗାଁର ସ୍ୱର'କୁ ଉଦ୍‌ଘାଟନ କରି ସେ କହିଲେ, ଆମ ଯୌଥ ପରିବାରରୁ ଏକକ ପରିବାର ହୋଇ ଯାହାସବୁ ପରିବର୍ତ୍ତନ ହୋଇଛି ତାହା ଭାରତୀୟ ପରମ୍ପରା ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ନୁହେଁ। ଜୟକୃଷ୍ଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆସରରେ ଲେଖକ ସୂର୍ଯ୍ୟମଣି ତ୍ରିପାଠୀ, ଡ. ବିଜୟଲକ୍ଷ୍ମୀ ମହାନ୍ତି, ଡ. ରଶ୍ମି ଦାସ, ଡ. ପ୍ରମୋଦ ପରିଡା ପ୍ରମୁଖ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ପଲ୍ଲୀଗୀତ ପରିବେଷଣ କରିଥିଲେ। ସାହିତ୍ୟାୟନର ସମ୍ପାଦକ ସଞ୍ଜୟ ମହାନ୍ତି ସଂଯୋଜନା କରିଥିଲେ।

## ୯ ମଣ୍ଡପରେ ବିରାଜିବେ ଦୁର୍ଗା, ହରପାର୍ବତୀ



ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଉଛି।

**ଖୋର୍ଦ୍ଧା ଅଫିସ,୨୬।୯**

ଆଉ ଦିନ କେଇଟା ପରେ ଧରାପୃଷ୍ଠକୁ ଓହ୍ଲାଇବେ ଜଗତ୍‌ଜନନୀ ମା'ଦୁର୍ଗା। ମା'ଙ୍କ ଆଗମନ ପାଇଁ ଖୋର୍ଦ୍ଧା ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ପୂଜାମଣ୍ଡପରେ ପ୍ରସ୍ତୁତି ଜୋରଦାର ଚାଲିଛି। ରାଧାଷ୍ଟମୀରେ ରୀତିନୀତି ଅନୁଯାୟୀ ମାଟି ଉଠା କାର୍ଯ୍ୟକ୍ରମ ପରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଖୋର୍ଦ୍ଧା ସହରର ୫ମଣ୍ଡପରେ ମା'ଦୁର୍ଗା ଓ ୪ ମଣ୍ଡପରେ ହରପାର୍ବତୀ ପୂଜା ପାଇବେ। ଗୁରୁଜଙ୍ଗ ମାଳିସାହି ଦୁର୍ଗା ମଣ୍ଡପ, ଖୋର୍ଦ୍ଧା କ୍ଲବ, ଇଗଲ କ୍ଲବ, ଫାୟର ଷ୍ଟେଶନ ରୋଡ, କଣ୍ଟାଛକରେ ମା'ଦୁର୍ଗା ପୂଜା ପାଇବେ। ସେହିପରି ଟ୍ରାଫିକ ଛକ, ୪୦୭ଷ୍ଟାଣ୍ଡ ଛକ, ମାଛ ମାର୍କେଟ ଛକ ଓ ଦୁଲଣା ସାହିରେ ହରପାର୍ବତୀ ପୂଜା ପାଇବେ। ଷଷ୍ଠୀରେ ପୂଜା ଆରମ୍ଭ ହୋଇ ଦଶମୀରେ ଶେଷ ହୋଇଥାଏ। ୫ଦିନ ଧରି ମହାଆଡ଼ମ୍ବରରେ ପୂଜା ଆୟୋଜନ କରାଯାଇଥାଏ। ତେବେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୂଜା ଆୟୋଜନ ପାଇଁ ପାର୍ବଣ ମାର୍ଗଦର୍ଶିକା ଜାରି କରିଛନ୍ତି। ମୂର୍ତ୍ତି ଉଚ୍ଚତା ୪ ଫୁଟରେ ସୀମିତ ରହିବ। ସାଜସଜ୍ଜା, ତୋରଣ, ଆଲୋକମାଳା ହେବ ନାହିଁ। ତିନିପଟୁ ଆବଦ୍ଧ କରାଯାଇ ସମ୍ମୁଖ ଭାଗରେ କପଡା ଟାଣି ପୂଜା କରାଯିବ। ପୂଜାରେ ସ୍ୱଳ୍ପ ସଂଖ୍ୟକ କର୍ମକର୍ତ୍ତାଙ୍କୁ ନେଇ ପୂଜା କରିବା ଲାଗି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଫଳରେ ଗତବର୍ଷ ପରି ଚଳିତ ବର୍ଷ ପୂଜାର ମାହୋଲ ଫିକା ରହିବ। ଟ୍ରାଫିକ ଛକ ପୂଜା କମିଟି ସମ୍ପାଦକ ଜିତେନ୍ଦ୍ର ଭଞ୍ଜ କୁହନ୍ତି, ଦୀର୍ଘ ବର୍ଷ ଟାଉନ ହଲ ଆଗରେ ହରପାର୍ବତୀଙ୍କ ପୂଜା ଆୟୋଜିତ ହୋଇଆସୁଛି। ୫ଦିନ ବ୍ୟାପି ଆଡମ୍ବରରେ ପୂଜା ଆୟୋଜନ କରାଯାଇଥାଏ। ଷଷ୍ଠୀରେ ବିଲ୍ୱବରଣ, ୭ମୀରେ ବିଭିନ୍ନ ପ୍ରକାର ଶୁଖିଲା ଭୋଗ, ଅଷ୍ଟମୀରେ ଖିରି ଓ କାକରା, ନବମୀରେ ଅନ୍ନ ଭୋଗ କରାଯାଇଥାଏ। ଚଳିତବର୍ଷ ମଧ୍ୟ କରୋନା କଟକଣା ମଧ୍ୟରେ ପୂଜା କରାଯିବା ଲାଗି ସ୍ଥିର ହୋଇଛି। ସହରର ଖୋର୍ଦ୍ଧା କ୍ଲବ ଏବଂ ଇଗଲ କ୍ଲବରେ ପୂଜା ଆକର୍ଷଣୀୟ ହୋଇଥାଏ। ସୁଉଚ୍ଚ ଆକର୍ଷଣୀୟ ତୋରଣ ଏବଂ ଆଲୋକମାଳା ଦର୍ଶକଙ୍କୁଆକର୍ଷିତ କରିଥାଏ। କୋଲକାତାର କାରିଗର ମା'ଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଥାନ୍ତି। ପୂଜା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ସମସ୍ତ ପାସେଞ୍ଜର ଟ୍ରେନ୍ ଚଳାଚଳ ଦାବି




ଜଟଣୀ ରେଳଷ୍ଟେଶନ ଆଗରେ ଗଣଧାରଣା ଦିଆଯାଇଛି।

**ଜଟଣୀ/ନିରାକାରପୁର/ ବାଲୁଗାଁ,୨୬।୯(ଡି.ଏନ୍.ଏ.)**

ଖୋର୍ଦ୍ଧାରୋଡ (ଜଟଣୀ) ରେଳ ଷ୍ଟେଶନ ଆଗରେ ରବିବାର ବିଭିନ୍ନ ଦାବିରେ ଫେଡେରେଶନ ଅଫ୍ ଡେଲି ଟ୍ରେନ ପାସେଞ୍ଜର ଆସୋସିଏଶନ ଖୋର୍ଦ୍ଧାରୋଡ ପକ୍ଷରୁ ଗଣଧାରଣା ଦିଆଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ଡେଲି ପାସେଞ୍ଜର ଟ୍ରେନ୍ ଚଳାଚଳ, ରେଳଷ୍ଟେଶନ ଟିକେଟ୍ କାଉଣ୍ଟରରେ ଡେଲି ଟିକେଟ୍ ସହିତ ମାସିକିଆ ସିଜିନ ଟିକେଟ୍ ବିକ୍ରି ଆଦି ଦାବି ରହିଛି। ପ୍ରକାଶ ଯେ, ୨୦୨୦ ଏପ୍ରିଲରୁ କୋଭିଡ୍ ମହାମାରୀରୁ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ଡେଲି ପାସେଞ୍ଜର ଟ୍ରେନ ବାତିଲ କରାଯାଇଥିଲା। ଅନ୍ୟ ରାଜ୍ୟରେ ସମସ୍ତ ଲୋକାଲ ଟ୍ରେନ୍ ଚଳାଚଳ କରୁଥିବା ବେଳେ ଓଡ଼ିଶାରେ ସମସ୍ତ ପାସେଞ୍ଜର ଟ୍ରେନ ଚଳାଚଳ ହୋଇନାହିଁ। ଫଳରେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହି ଦାବିଗୁଡ଼ିକୁ ନେଇ ଆସୋସିଏଶନ ପକ୍ଷରୁ ଧାରଣା ଦିଆଯିବା ସହ ଏକ ଦାବିପତ୍ର ଖୋର୍ଦ୍ଧାରୋଡ୍ ରେଳଷ୍ଟେଶନ ମାଷ୍ଟରଙ୍କ ଜରିଆରେ ମଣ୍ଡଳ ରେଳପ୍ରବନ୍ଧକଙ୍କୁ ପ୍ରଦାନ କରାଯାଇଛି। ଏହି ଧାରଣାରେ ଆସୋସିଏଶନ ସଭାପତି ଅର୍ଜ୍ଜୁନ ଚରଣ ସାମନ୍ତରାୟ, ଜଟଣୀ ଲୟର୍ସ ଆସୋସିଏଶନର ସଭାପତି ସୁଶୀଲ ମହାନ୍ତି, ପ୍ରଦୀପ ମହାନ୍ତି, ପ୍ରଭୁରାମ ପାତ୍ର, ନିରଞ୍ଜନ ବେହେରା, ବିଭୂତି ଭୂଷଣ ମିଶ୍ର, ରବୀନ୍ଦ୍ର ମହାପାତ୍ର, ପପୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଖୁବଶୀଘ୍ର ଓଡ଼ିଶାରେ ସମସ୍ତ ପାସେଞ୍ଜର ଟ୍ରେନ୍ ଚଳାଚଳ ଆରମ୍ଭ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଆସୋସିଏଶନର ଓଡ଼ିଶା ରାଜ୍ୟ ସଂଯୋଜକ ରାମଶଙ୍କର କହିଛନ୍ତି।

ସେହିପରି ଗୋଳବାଇ ଏବଂ ତାପଙ୍ଗ ଷ୍ଟେଶନ ରେଳ ଯାତ୍ରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ଦାବିପତ୍ର ସ୍ଥାନୀୟ ଷ୍ଟେଶନ ପରିଚାଳକଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ସୌମ୍ୟ ରଞ୍ଜନ ହରିଚନ୍ଦନଙ୍କ ନେତୃତ୍ୱରେ ହିମାଂଶୁ ପାତ୍ର, ଆଦିକନ୍ଦ ଘଡ଼ୁଆରୀ, ଗୋପୀନାଥ ଜେନା, ସପନ ପଟ୍ଟନାୟକ, ଘନଶ୍ୟାମ ବେହେରା, ଶ୍ରୀନିବାସ ପାଇକରାୟ, ଶ୍ରୀବତ୍ସ ମହାରଣା, ଚିତ୍ତରଞ୍ଜନ ମିଶ୍ର, ଅଜିତ ପାଇକରାୟ, ଶ୍ରୀକାନ୍ତ ବଳବନ୍ତରାୟ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଶତାଧିକ ଯାତ୍ରୀ ବାଲୁଗାଁ ରେଳ ଷ୍ଟେଶନ ଆଗରେ ଧାରଣା ଦେବା ସହ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ଅଧୀକ୍ଷକ ସୁକାନ୍ତ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସୁରେଶ ପ୍ରଧାନ, ସୁଦେଶ ସେଠୀ, ରବି ନାରାୟଣ ଷଡ଼ଙ୍ଗୀ, ଅନନ୍ତ ଚରଣ ଖଟେଇ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଚିଲିକା ଅଶାନ୍ତ, ପ୍ରଶାସନ ତତ୍ପର

**ବାଲୁଗାଁ/କୃଷ୍ଣପ୍ରସାଦ,୨୬।୯ (ଡି.ଏନ୍.ଏ.)**

ବାତ୍ୟା 'ଗୁଲାବ'କୁ ନେଇ ଚିଲିକା ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ରବିବାର ସକାଳେ କୋହଲା ପାଗ ସହ ବର୍ଷା ଲାଗି ହୋଇଥିଲା। ଚିଲିକାର ଜଳ କୂଳ ଲଘିଂ ରାସ୍ତା ଉପରେ ଲହରି ଭାଙ୍ଗୁଥିବା ଦେଖିବାକୁ ମିଳିଛି। ଏଥିସହ କାଳିଜାଇ ମନ୍ଦିର ବେଢ଼ାରେ ପାଣି ପ୍ରବେଶ କରିଥିବା ଜଣାପଡ଼ିଛି। ଦିନତମାମ ବର୍ଷା ଲାଗି ରହିଥିବା ବେଳେ ସ୍ଥାନୀୟ ପୋଲିସ ଓ ପ୍ରଶାସନ ପକ୍ଷରୁ ଚିଲିକା ତଟବର୍ତ୍ତି ଅଞ୍ଚଳରେ ଥିବା ଗ୍ରାମବାସୀଙ୍କୁ ସତର୍କ କରାଯାଇଛି। ଏଥିସହ ନିକଟ ବାତ୍ୟା ଆଶ୍ରୟସ୍ଥଳୀକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଠରବାଟିଆ, ନଈରୀ, ବଉଳାବନ୍ଧ, ସୋରଣ ଓ ଜରିପଡ଼ା ଆଦି ଗ୍ରାମବାସୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ୧୧ଟି ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ କରାଯାଇଛି। ଚିଲିକା କୂଳରୁ ସମସ୍ତ ବୋଟକୁ ପ୍ରଶାସନ ପକ୍ଷରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଶନିବାର ଠାରୁ ଚିଲିକା ମଧ୍ୟରେ ମାଛ ମାରିବା ପାଇଁ ପ୍ରଶାସନ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

## ଅଦରକାରୀ ସାମଗ୍ରୀରେ ଘର ସଜ୍ଜା



ସୁଧାକରଙ୍କ ଦ୍ୱାରା ପ୍ରସ୍ତୁତ କଳାକୃତି।

**ଖୋର୍ଦ୍ଧା ଅଫିସ,୨୬।୯**

**ସୁଧାକର ମହାପାତ୍ରଙ୍କ ନିଆରା କଳାକୃତି**

ଖୋର୍ଦ୍ଧା ଜିଲା ଭୁବନେଶ୍ୱର ଉପକଣ୍ଠ କଣ୍ଟାବାଡ ଗ୍ରାମର ସୁଧାକର ମହାପାତ୍ର। ଅଦରକାରୀ କାଠ ଖଣ୍ଡ, ବାଉଁଶ, ପଇଡ, ତାଳପତ୍ର, ନଡିଆ ପତ୍ର, ବାହୁଙ୍ଗା, ନଡିଆ କତା ଆଦିରେ ସୁନ୍ଦର ହସ୍ତକଳା ସାମଗ୍ରୀ ତିଆରି କରୁଛନ୍ତି ସୁଧାକର। ତାଙ୍କ ହାତର ସ୍ପର୍ଶରେ ଏହା ଜୀବନ୍ତ ହୋଇଉଠେ। ଏଥିସହ ବିଭିନ୍ନ ଘରୋଇ ସାଜସଜ୍ଜା, ପଶୁପକ୍ଷୀ, ମୟୂର, ପ୍ରତିମୂର୍ତ୍ତି, ଶଗଡ ଗାଡି, ଫୁଲଦାନି, ଦେବଦେବୀଙ୍କ ପ୍ରତିମୂର୍ତ୍ତି ସହିତ ବହୁ ସୁନ୍ଦର ଟେରାକୋଟା ପ୍ରସ୍ତୁତ କରୁଛନ୍ତି। ସରକାରୀ ଚାକିରିରୁ ଅବସର ନେବା ପରେ ସେ ଏହି କାର୍ଯ୍ୟ କରୁଛନ୍ତି। ପିଲାବେଳୁ କଳାପ୍ରତି ତାଙ୍କ ରୁଚି ରହିଥିଲା। ବାପାଙ୍କଠାରୁ ପ୍ରେରଣା ପାଇ ସେ ହସ୍ତକଳା ପାଇଁ ମନ ବଳାଇଥିଲେ। ସବୁବେଳେ କିଛି ନିଆରା କରିବା ଲକ୍ଷ୍ୟ ତାଙ୍କୁ ସମାଜରେ ସ୍ୱତନ୍ତ୍ର ପରିଚୟ ଦେଇଛି। ସୁଧାକରଙ୍କ ଘର ଏବେ ଏକ ସଂଗ୍ରହାଳୟ ପାଲଟିଛି। ଯେଉଁଠାରେ ଭଳିକି ଭଳି କଳାକୃତି ଶୋଭାପାଉଛି। ସ୍ଥାନୀୟ ଗ୍ରାମବାସୀ ଏହାକୁ ବେଶ୍ ଉପଭୋଗ କରୁଛନ୍ତି। ନିଜର ଘରକାମ ପରେ ସୁଧାକର ଅଦରକାରୀ ସାମଗ୍ରୀ ସଂଗ୍ରହ କରି ଘରକୁ ଆଣିଥାନ୍ତି। ତା'ପରେ ତାହାକୁ ବ୍ୟବହାର କରି ରୂପ ଦେଇଥାନ୍ତି। ଯାହା ସମାଜ ପାଇଁ ଅଦରକାରୀ, ତାହା ତାଙ୍କ ପାଇଁ ଦରକାରୀ। ପ୍ରଥମେ କ'ଣ ପ୍ରସ୍ତୁତ କରିବେ, ତାହାର ନକ୍ସା ତିଆରି କରିଥାନ୍ତି। ତଦନୁସାରେ ତାହାକୁ ଆକାର ଦେଇଥାନ୍ତି। ତାଙ୍କ ହସ୍ତ ନିର୍ମିତ ମୟୂର, ପଶୁପକ୍ଷୀ, ଗଛଲତା, ଫୁଲଦାନି ଆଦି ଆକର୍ଷଣୀୟ ହୋଇଥାଏ। ସରକାରୀ ସହାୟତା ମିଳିଲେ, ଏହି ହସ୍ତଶିଳ୍ପର ପ୍ରସାର ସହିତ ବିଦ୍ୟାର୍ଥୀ ଏବଂ ଯୁବକଙ୍କୁ ପ୍ରଶିକ୍ଷଣ ଦେବା ଯୋଜନା ରଖିଛନ୍ତି। ଆଗକୁ ବିଭିନ୍ନ ମେଳା, ଉତ୍ସବରେ ଏହାର ପ୍ରଦର୍ଶନ ପାଇଁ ଯୋଜନା ରଖିଛନ୍ତି ବୋଲି ସୁଧାକାର କହିଛନ୍ତି।

## ବାତ୍ୟା ମୁକାବିଲା ଲାଗି ଜିଲା ପ୍ରଶାସନର ବୈଠକ

**ଖୋର୍ଦ୍ଧା ଅଫିସ,୨୬।୯**

- ୫୦ ବହୁମୁଖୀ ବାତ୍ୟାଶ୍ରୟସ୍ଥଳୀ ପ୍ରସ୍ତୁତ ରହିଛି
- ୪୪ ଗର୍ଭବତୀଙ୍କୁ ଚିକିତ୍ସାଳୟକୁ ସ୍ଥାନାନ୍ତର

ବାତ୍ୟା 'ଗୁଲାବ'ର ମୁକାବିଲା ଲାଗି ଖୋର୍ଦ୍ଧା ଜିଲା ପ୍ରଶାସନ ସଜାଗ ରହିଛି। ରବିବାର ଜିଲାପାଳ ସନତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୌଣସି ସ୍ଥାନରେ ଯେପରି ଅଘଟଣ ନ ଘଟିବ ସେଥିପ୍ରତି ସତର୍କ କରିବା ସହ ଜିରୋ କାଜୁଆଲଟି ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଜିଲା କାର୍ଯ୍ୟାଳୟରେ ଯୋଗାଯୋଗ ପାଇଁ ଏକ ଜରୁରିକାଳୀନ କଣ୍ଟ୍ରୋଲରୁମ କାର୍ଯ୍ୟ କରିବ। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବ୍ଲକ, ତହସିଲ ଏବଂ ପୌର କାର୍ଯ୍ୟାଳୟରେ ମଧ୍ୟ କଣ୍ଟ୍ରୋଲରୁମ ରହିବ। ବାତ୍ୟାକୁ ଦୃଷ୍ଟିରେ ରଖି ୫୦ଟି ବହୁମୁଖୀ ବାତ୍ୟାଆଶ୍ରୟ ସ୍ଥଳୀ ପ୍ରସ୍ତୁତ ହୋଇ ରହିଛି। ଦୁର୍ବଳ ନଦୀବନ୍ଧ ଉପରେ ଦୃଷ୍ଟି ରଖାଯାଇଛି ବୋଲି ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି। ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ ଡିଭିଜନ ପଦକ୍ଷେପ ଗ୍ରହଣ କରିବ। ଉଦ୍ଧାର ଓ ସାହାର୍ଯ୍ୟ ପାଇଁ ପାୱାର ବୋଟ, ଡଙ୍ଗା, ଆବଶ୍ୟକ ଉପକରଣ ଓ କର୍ମଚାରୀ ପ୍ରସ୍ତୁତ ରହିଛନ୍ତି ବୋଲି ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ କୁହାଯାଇଛି। ଉଦ୍ଧାର କାର୍ଯ୍ୟ ପାଇଁ ଜିଲା ପୋଲିସ ମଧ୍ୟ ପ୍ରସ୍ତୁତ ରହିଛି ବୋଲି ଏସ୍‌ପି ରାଜକିଶୋର ଦୋରା କହିଛନ୍ତି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ କହିଥିଲେ, ବାତ୍ୟା ମୁକାବିଲା ପାଇଁ ଆବଶ୍ୟକୀୟ ସାମଗ୍ରୀ ପ୍ରସ୍ତୁତ ରହିଛି। ୪୪ଜଣ ଗର୍ଭବତୀଙ୍କୁ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ବୈଠକରେ ଖୋର୍ଦ୍ଧା ଉପଜିଲାପାଳ ଆଇ ଗୌରବ ଶିବାଜୀ, ଅତିରିକ୍ତ ଜିଲାପାଳ(ହେଡକ୍ୱାଟର) ମନୋଜ ପାଢ଼ୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦ୍ୱାରିକାନାଥ ଶତପଥୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## ଶ୍ରୁତି ବାଳିକା, ତୋସିଫ୍ ବାଳକ ଚାମ୍ପିୟନ

**ଜଟଣୀ,୨୬।୯ (ଡି.ଏନ୍.ଏ.)**

ସ୍ଥାନୀୟ ଆଶ୍ରୟ ଇନ୍‌ଡୋର ହଲ୍‌ଠାରେ ଖୋର୍ଦ୍ଧା ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଏବଂ ବାଳିକା ଏଫ୍‌ଜେଡ୍ ଓଏସ୍‌ବିଏ ସର୍ବଭାରତୀୟ ଟେଷ୍ଟ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ବାଳକ ଏବଂ ବାଳିକା ବିଭାଗରେ ୧୫୬ ପ୍ରତିଯୋଗୀ ଭାଗ ନେଇଥିଲେ। ବାଳିକା ସିଙ୍ଗଲ୍ସରେ ଶ୍ରୁତି ସ୍ୱାଇଁ, ବାଳକ ସିଙ୍ଗଲ୍ସରେ ତୋସିଫ, ମିକ୍ସଡ ଡବଲ୍ସରେ ଆୟୁଷ ପଟ୍ଟନାୟକ ଓ ଶ୍ରେୟା ବିଶ୍ୱାଳ, ବାଳିକା ଡବଲ୍ସରେ ଶ୍ରୁତି ସ୍ୱାଇଁ ଓ ହର୍ଷିତା ରାଉତ, ବାଳକ ଡବଲ୍ସରେ ଆୟୁଷ ପଟ୍ଟନାୟକ ଏବଂ ଆୟୁଷ ଦାସ ଚାମ୍ପିୟନ ହୋଇଛନ୍ତି।

ରବିବାର ବାଳିକା ସିଙ୍ଗଲ୍ସ ଶ୍ରୁତି ସ୍ୱାଇଁ (କଟକ) ଏବଂ ବିଶାଖା ଟୋପୋ (ସୁନ୍ଦରଗଡ଼)ଙ୍କ ମଧ୍ୟରେ ଅନୁଷ୍ଠିତ

**ରାଜ୍ୟସ୍ତରୀୟ ୧୯ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ**




ଅତିଥିଙ୍କଠାରୁ ଜଣେ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

ହୋଇଥିଲା। ଏଥିରେ ଶ୍ରୁତି ୨୧-୧୧, ୨୧-୯ରେ ବିଜୟ ଲାଭ କରିଥିଲେ। ବାଳକ ବିଭାଗରେ ତୋସିଫ୍ ଖାଁ (ସମ୍ବଲପୁର) ଭୁବନେଶ୍ୱରର ଅଭିଜିତ ମହାରଣାଙ୍କୁ ୨୧-୧୩ ଓ ୨୧-୧୨ରେ ପରାସ୍ତ କରିଥିଲେ। ସେହିପରି ମିକ୍ସଡ ଡବଲ୍ସରେ ଆୟୁଷ ପଟ୍ଟନାୟକ ଓ ଶ୍ରେୟା ବିଶ୍ୱାଳ ୧୮-୨୧, ୨୧-୧୫ ଓ ୨୧-୧୪ରେ ଅମୃତ ମହାନ୍ତି ଓ ଶ୍ରୁତି ସ୍ୱାଇଁଙ୍କୁ ହରାଇ ଦେଇଥିଲେ। ବାଳିକା ଡବଲ୍ସରେ ଶ୍ରୁତି ସ୍ୱାଇଁ ଓ ହର୍ଷିତା ରାଉତ ୨୧-୧୭, ୨୧-୧୫ରେ ଅନୁପା ଦାସମହାପାତ୍ର ଓ ଶ୍ରେୟା ବିଶ୍ୱାଳଙ୍କୁ ପରାସ୍ତ କରିଥିଲେ। ସେହିପରି ବାଳକ ଡବଲ୍ସରେ ଆୟୁଷ ପଟ୍ଟନାୟକ ଓ ଆୟୁଷ ଦାସ ୨୧-୧୯, ୨୧-୧୨ରେ ଅଭିଜିତ ମହାରଣା ଓ ଅମୃତ ମହାନ୍ତିଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ରୋହିତ ପୂଜାରୀ ଏବଂ ଆଇଓସିଏଲ୍‌ର ପରିଚାଳନା ପ୍ରବନ୍ଧକ ରାହୁଲ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି, ମାନପତ୍ର, ଆର୍ଥିକ ରାଶି ସହିତ ପୁରସ୍କୃତ କରିଥିଲେ। ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ମ୍ୟାଚ ରେଫ୍‌ରି ରୀତା ଦାସ, ସରୋଜ ଦାସ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଆଶ୍ରୟ ଅନୁଷ୍ଠାନର ସଭ୍ୟ ଶିବବ୍ରତ ପଟ୍ଟନାୟକ,ସୌଭାଗ୍ୟ ଜଗଦେବ, ପ୍ରଶାନ୍ତ ବେହେରା, ବସନ୍ତ ବେହେରା, ଖୋର୍ଦ୍ଧା ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ଯୁଗ୍ମ ସମ୍ପାଦକ ଅଜିତ ମହାନ୍ତି, କେ.ଆପ୍ପା ରାଓ, ଅବ୍‌ଦୁଲ ହାକିମ ପ୍ରମୁଖ ସହଯୋଗ କରିଥିଲେ ।




୨୬।୦୯।୨୦୨୧

| | |
|---|---|
| ୨,୦୪,୦୭୦ ଟଙ୍କା | |
| ସୁନା | ୦.୬୦୦ ମିଲିଗ୍ରାମ |
| ରୁପା | ୪୯.୯୦୦ ଗ୍ରାମ |

## ସଂକ୍ଷେପରେ

### କୋରେକ୍ସ ବିକି ଜଣେ ଗିରଫ

ପୁରୀ ଅଫିସ,୨୬।୯- ବେଆଇନ ଭାବେ କୋରେକ୍ସ ବିକ୍ରି କରିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ରାମଚଣ୍ଡୀ ସାହି ବାଲି ଉପରର ରଞ୍ଜନ ଚମ୍ପତି(୨୯)। ପୋଲିସ ଅଭିଯୁକ୍ତଠାରୁ ୨୦ ବୋତଲ କୋରେକ୍ସ ସହ ଗୋଟିଏ ନମ୍ବର ବିହୀନ ସ୍କୁଟି ଜବତ କରିଛି। ଏ ନେଇ ପୋଲିସ ନଂ. ୩୪୫/୨୧ରେ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ଥାନା ପକ୍ଷରୁ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିବା ସମୟରେ ଆଶ୍ରମ ଛକ ନିକଟରେ ଜଣେ ବ୍ୟକ୍ତି କୋରେକ୍ସ ବିକୁଥିବା ଖବର ପାଇଥିଲେ। ପୋଲିସ ପକ୍ଷରୁ ଉକ୍ତ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଆଶ୍ରମ ଛକ ନିକଟରେ ଜଣେ ବ୍ୟକ୍ତି ନମ୍ବର ବିହୀନ ସ୍କୁଟି ଉପରେ ଏକ ଜରି ବ୍ୟାଗରେ କୋରେକ୍ସ ବିକ୍ରି କରୁଥିବା ଦେଖି ତାଙ୍କୁ ଗିରଫ କରିଥିଲେ।

### ଭାଙ୍ଗ ବିକି ଗିରଫ

ପୁରୀ ଅଫିସ,୨୬।୯ - ବେଆଇନ ଭାବେ ଭାଙ୍ଗ ବିକ୍ରି କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ଗୋପୀନାଥପୁର ଅଠରନଳାର ନାରାୟଣ ସାହୁ (୪୧)। ପୋଲିସ ଅଭିଯୁକ୍ତଙ୍କଠାରୁ ୩ କେଜି ଶୁଖିଲା ଭାଙ୍ଗ ସହ ନଗଦ ୨୧୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ.୩୪୪/୨୧ରେ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଥାନା ପକ୍ଷରୁ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିବା ସମୟରେ ବଡ଼ଶଙ୍ଖ ନିକଟ ସଂଗ୍ରାମ କ୍ଲବ ଲେନ ପାଖରେ ଜଣେ ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ବେଆଇନ ଭାବେ ଭାଙ୍ଗ ବିକ୍ରି କରୁଥିବା ଖବର ପାଇଥିଲେ। ପୋଲିସର ଏକ ଟିମ ଉକ୍ତ ସ୍ଥାନରେ ଚଢ଼ାଉ କରି ଦୁଇଜଣ ସାକ୍ଷୀଙ୍କ ଉପସ୍ଥିତିରେ ଭାଙ୍ଗ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ପଚରାଉଚରା ବେଳେ ଭାଙ୍ଗ ବିକ୍ରି କରିବା ପାଇଁ କୌଣସି ଲାଇସେନ୍ସ ରଖି ନ ଥିଲେ।

### ଜାତୀୟ ସମବାୟ ଦିବସ ପାଳିତ

ଅସ୍ତରଙ୍ଗ,୨୬।୯(ଡି.ଏନ୍.ଏ.)- ଅସ୍ତରଙ୍ଗ ବ୍ଲକ ଅଧୀନ କଣମଣ ପ୍ରାଥମିକ ବିଦ୍ୟାଳୟଠାରେ ଜାତୀୟ ସମବାୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଇଫକୋ କିଷାନ ଦ୍ୱାରା ମାଗଣା ପ୍ରାଣୀଧନ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଇଫ୍‌କୋ ରାଜ୍ୟର ମୁଖ୍ୟ ପରିଚାଳକ ମାନସ ରଞ୍ଜନ ନାୟକ ଯୋଗଦେଇଥିବାବେଳେ ମୁଖ୍ୟ ବକ୍ତାଭାବେ ଅସ୍ତରଙ୍ଗ ବ୍ଲକ ପଶୁସମ୍ପଦ ଅଧିକାରୀ ସନ୍ଦୀପ ନାୟକ, ମ୍ୟାନେଜର ସାଗର ସଙ୍ଗମ ମହାନ୍ତି ଓ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଣମଣ ଅଞ୍ଚଳର ଚାଷୀମାନେ ଯୋଗଦେଇଥିଲେ। ଚିକିତ୍ସା ଅଧିକାରୀ ଚାଷୀମାନଙ୍କ ଗୃହପାଳିତ ପଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିଥିଲେ। ଏଥିସହ ଇଞ୍ଜେକ୍ସନ, କ୍ୟାଲସିୟମ, ଭିଟାମିନ ଔଷଧ, ଗୋଖାଦ୍ୟ ମଧ ବଣ୍ଟନ କରିଥିଲେ।

# ମହିଳା କୁଟିର ଆଶ୍ରମ ଜମି ବିକ୍ରି ଅଭିଯୋଗ

- ଜମି ବିବାଦ ନେଇ କୋର୍ଟରେ ବିଚାରାଧୀନ ମାମଲା
- ୨୦୧ ଡେସିମିଲ୍‌କୁ କୋଟିଏ ୯୫ ଲକ୍ଷରେ ବିକ୍ରି

ପୁରୀ ଅଫିସ,୨୬।୯:

ପୁରୀ ସହରରେ ଥିବା ମହିଳା କୁଟିର ଆଶ୍ରମର ଜମିକୁ ନେଇ ବିବାଦ ଚାଲିଥିବାରୁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ କୋର୍ଟରେ ଏ ନେଇ ଏକ ମାମଲା ବିଚାରାଧୀନ ଚାଲିଛି। ହେଲେ ଏ ସମୟରେ ଆଶ୍ରମର କିଛି ଜମିକୁ ବିକ୍ରି କରାଯାଇଥିବା ଜଗନ୍ନାଥ ବସ୍ତିଆ ଓ ପୁରୀ ବିକାଶ ପରିଷଦ ଅଭିଯୋଗ କରିଛି। ଆଶ୍ରମ କମିଟି ସମ୍ପାଦକ ଗତ ୧୫ ତାରିଖରେ ଭିତର ସେବାୟତ ନିଯୋଗକୁ ୨୦୧ ଡେସିମିଲ୍ ଜମି ୧ କୋଟି ୯୫ ଲକ୍ଷ ୨୦ ହଜାର ଟଙ୍କାରେ ବିକ୍ରି କରିଥିବା ଅଭିଯୋଗ ହୋଇଛି। ଗରିବ ମହିଳାଙ୍କ ଆଶ୍ରମ ଓ ତାଲିମ ଶିବିର ଥିବା ଜମି ବେଆଇନ ଭାବେ ବିକ୍ରି ପ୍ରସଙ୍ଗକୁ ନେଇ ସହରରେ ଜନଅସନ୍ତୋଷ ଦେଖିବାକୁ ମିଳିଛି। ଭିତର ସେବାୟତ ନିଯୋଗ ପକ୍ଷରୁ ସଭାପତି ଓ ସମ୍ପାଦକଙ୍କ ଜମି ବିକ୍ରି ଦଲିଲରେ ଦସ୍ତଖତ ରହିଛି।

ପୁରୀ ସମୁଦ୍ରକୂଳ ନିକଟସ୍ଥ ଗାନ୍ଧୀ ଘାଟ ରାଜସ୍ୱ ମୌଜାର ଖାତା ନମ୍ବର ୮୮/୭୭ ଓ ପ୍ଲଟ୍ ନମ୍ବର ୬୭ରେ ମହିଳା କୁଟିର ଶିଳ୍ପ ଶିକ୍ଷା ଆଶ୍ରମ ଅବସ୍ଥିତ। ସେଠାରେ ୯୫୦ ଡେସିମିଲ୍ ମୂଲ୍ୟବାନ ଜମି ସମେତ ଗରିବ ବିଧବା, ସ୍ୱାମୀ ପରିତ୍ୟକ୍ତା ମହିଳା ଓ ଅନାଥ ଶିଶୁଙ୍କ ଥଇଥାନ ପାଇଁ ବ୍ୟବସ୍ଥା ରହିଛି। ଏହାବ୍ୟତୀତ ମହିଳାଙ୍କ ପାଇଁ ସଂପୃକ୍ତ ସ୍ଥାନରେ ଏକ ତାଲିମ ଶିବିର ମଧ ନିର୍ମାଣ ହୋଇ ରହିଛି। ଆଶ୍ରମ ଜମି ବିକ୍ରି ପାଇଁ ଉଦ୍ୟମ ଚାଲିଥିବାବେଳେ ଏହାକୁ ବିରୋଧ କରି ପୁରୀ ବିକାଶ ପରିଷଦ ଓ ଆଇନଜୀବୀମାନେ କିଛିଦିନ ତଳେ ଜିଲାପାଳ, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ) ଓ ଜିଲା ଉପନିବନ୍ଧକଙ୍କ ନିକଟରେ ଆପତ୍ତିପତ୍ର ଦାଖଲ କରିଥିଲେ। ଏପରିକି ମହିଳା ଆଶ୍ରମ ଜମି ପ୍ଲଟିଂ ଯୋଜନାକୁ ବିରୋଧ କରି ପିକେଡିଏରେ ଅଭିଯୋଗ କରାଯାଇଥିଲା। ୨ଟି ଅଭିଯୋଗକୁ ବିଚାରକୁ ନେଇ ପିକେଡିଏ ଗତ ୭ ତାରିଖରେ ଜମି ବିଭାଜନ ପାଇଁ ଅନୁମତି ଦେଇଥିଲେ। ଏପରିକି ଜିଲାପାଳ ବେଆଇନ ଭାବେ ମହିଳା କୁଟୀର ଶିଳ୍ପ ଶିକ୍ଷାଶ୍ରମକୁ ବାଲୁଖଣ୍ଡ ଖାସମାହାଲ ଜମି ଗତ ଏପ୍ରିଲ୍ ୨୫, ୨୦୧୮ରେ ସ୍ଥାୟୀ ଲିଜ୍‌ରେ ଦେଇଥିବା ଅଭିଯୋଗ କରି ଜଗନ୍ନାଥ ବସ୍ତିଆ ଗତ ଜୁଲାଇ ୨୨ରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ କୋର୍ଟରେ ମକଦ୍ଦମା କରିଥିଲେ। ଆସନ୍ତା ନଭେମ୍ବର ୫ରେ ଏହି ମକଦ୍ଦମା ବିଚାର ପାଇଁ ରହିଥିବା ଆର୍‌ଡିସି ସମ୍ପୃକ୍ତ ପ୍ରସଙ୍ଗକୁ ବିଚାରକୁ ନେଇ ପୁରୀ ଜିଲାପାଳ, ତହସିଲଦାର ଓ ମହିଳା ଆଶ୍ରମ ସମ୍ପାଦକଙ୍କୁ ନୋଟିସ୍ ଜାରି କରିଥିଲେ। ହେଲେ ଏହା ପୂର୍ବରୁ ଆଶ୍ରମର କିଛି ଜମି ବେଆଇନ ଭାବେ ବିକ୍ରି କରାଯାଇଥିବା ନେଇ ଜଗନ୍ନାଥ ବସ୍ତିଆ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୁରୀ ବିକାଶ ପରିଷଦ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରାଯାଇଥିଲେ ମଧ ଜିଲା ପ୍ରଶାସନ ତଦନ୍ତ ରିପୋର୍ଟ ଦାଖଲ ନ କରି ଜମି ବିକ୍ରି କରିଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲାପାଳ ସମର୍ଥ ବର୍ମାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରି ନାହିଁ। ସେହିଭଳି ପିକେଡିଏର ଜଣେ ଅଧିକାରୀ କହିଛନ୍ତି, ପ୍ଲାନ୍ ଆପ୍ରୁଭାଲ୍ ଦେଖିବାରେ ଜମି ବିଭାଜନ ପାଇଁ ଲେ-ଆଉଟ୍ ଅନୁମୋଦନ ଦିଆଯାଇଛି। ଏଥିରେ କୌଣସି ପ୍ରକାର ଅନିୟମିତତା ନଜରକୁ ଆସି ନାହିଁ ବୋଲି ସେ କହିଛନ୍ତି।


ବାତ୍ୟା ଗୁଲାବ ପ୍ରଭାବରେ ରବିବାର ପୁରୀ ସମୁଦ୍ର ଅଶାନ୍ତ ଥିବାବେଳେ ମତ୍ସ୍ୟଜୀବୀମାନେ ବେଳାଭୂମି ଉପରକୁ ଡଙ୍ଗା ଉଠାଇ ଆଣୁଛନ୍ତି ।

# ପୋଲିଂ ପାର୍ଟିଙ୍କ ପ୍ରସ୍ତୁତି ସରିଲା

ପୁରୀ ଅଫିସ,୨୬।୯:

ପିପିଲି ବିଧାନସଭା ଉପନିର୍ବାଚନ ମତଦାନ ପାଇଁ ଆସନ୍ତା ୨୮ ତାରିଖରେ ପୋଲିଂ ପାର୍ଟି ସମ୍ପୃକ୍ତ ମତଦାନ କେନ୍ଦ୍ରକୁ ଗସ୍ତ କରିବେ। ଏଥିନିମନ୍ତେ ପେଣ୍ଠକଟାସ୍ଥିତ ଓୟାର ହାଉସ୍‌ଠାରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜିଲାପାଳ ସମର୍ଥ ବର୍ମା ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ସମୀକ୍ଷା କରିଛନ୍ତି। ପୋଲିଂ ପାର୍ଟିର ବ୍ୟବସ୍ଥା ପାଇଁ ୧୦ଟି କାଉଣ୍ଟରର ପ୍ରସ୍ତୁତ ହୋଇଛି। ଏଥିସହ ସୂଚନା କେନ୍ଦ୍ର, ଆଶୁ ଚିକିତ୍ସା କେନ୍ଦ୍ର, ପାନୀୟ ଜଳ ଓ ଅଗ୍ନିଶମ ବ୍ୟବସ୍ଥା କରାଯାଇଛି। ଆସନ୍ତା ୩୦ ତାରିଖରେ ୩୪୮ଟି ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ। ୨ ଲକ୍ଷ ୨୯ ହଜାର ୯୯୮ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଅକ୍ଟୋବର ୩ରେ ଭୋଟ ଗଣତି ହେବ। କୋଭିଡ୍ କଟକଣାକୁ କଡ଼ାକଡ଼ି କରିବାକୁ ଜିଲାପାଳ ସମର୍ଥ ବର୍ମା ନିର୍ଦ୍ଦେଶ ଦେଇଛନ୍ତି। ପ୍ରବେଶ ପଥରେ ଥର୍ମାଲ ସ୍କ୍ରିନ୍, ସାନିଟାଇଜର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସୁବାସଚନ୍ଦ୍ର ରଥଶର୍ମା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅବକାରୀ ଚଢ଼ାଉ, ୨ ଗିରଫ

ଅସ୍ତରଙ୍ଗ,୨୬।୯(ଡି.ଏନ୍.ଏ.)

ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଅସ୍ତରଙ୍ଗ ଅଞ୍ଚଳରେ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ନିମାପଡା ଅବକାରୀ ନିରୀକ୍ଷକ ମମତା ଦାସଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଅସ୍ତରଙ୍ଗ ବଜାରର ସମେତ ବିଭିନ୍ନ ସ୍ଥାନରେ ଚାଉ କରାଯିବା ବେଳେ ଏକ ପାନ ଦୋକାନରେ ଚଢ଼ାଉ କରି ୫ ଶହ ଗ୍ରାମ ଭାଙ୍ଗ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି। ଏ ନେଇ ନଂ ୩୫/୨୧ ରେ ମାମଲା ରୁଜୁ ହୋଇଛି। ସେହିପରି ୫ ଲିଟର ଦେଶୀ ମଦ ସହ ଆଉ ଜଣଙ୍କୁ ଗିରଫ କରିଛି। ନଂ ୩୪/୨୧ ଏକ ମାମଲା ରୁଜୁ ହୋଇଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉ କରାଯାଇଥିଲା। ଅବକାରୀ କମିଶନର ଆଶିଷ ସିଂଙ୍କ କଡା ନିର୍ଦ୍ଦେଶ କ୍ରମେ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

# ଷୋଳପୂଜା ପାଇଁ ଚାନ୍ଦୁଆ ନିର୍ମାଣ


ଶ୍ରୀମନ୍ଦିରର ଦରଜି ସେବକମାନେ ଚାନ୍ଦୁଆ ପ୍ରସ୍ତୁତ କରୁଛନ୍ତି ।

## ରଥ କପଡ଼ାରୁ ପ୍ରସ୍ତୁତ ହେଉଛି ଚାନ୍ଦୁଆ

ପୁରୀ ଅଫିସ,୨୬।୯

ମୂଳ ଅଷ୍ଟମୀ ତଥା ଦ୍ୱିତୀୟା ଓଷାଠାରୁ ଶ୍ରୀକ୍ଷେତ୍ର ସମେତ ଶ୍ରୀମନ୍ଦିରରେ ୧୬ ପୂଜା ଆରମ୍ଭ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଷୋଳ ପୂଜା ସମୟରେ ଶ୍ରୀମନ୍ଦିରରେ ମା' ବିମଳାଙ୍କ ନିକଟରେ ବିଶେଷ ପୂଜା ଅନୁଷ୍ଠିତ ହେବ। ସେହିପରି ଏହି ପୂଜା ସମୟରେ ମା'ଙ୍କ ନିକଟରେ ଚାନ୍ଦୁଆ ଲାଗି ହୋଇଥାଏ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚାନ୍ଦୁଆ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଦରଜି ସେବକ ପ୍ରକାଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଚାନ୍ଦୁଆ କାମ ଆରମ୍ଭ ହୋଇଛି। ଷୋଳପୂଜା ପାଇଁ ସମୁଦାୟ ୧୩ଟି ଚାନ୍ଦୁଆ ତିଆରି ହୋଇଥାଏ। ଏହି ୧୩ଗୋଟି ଚାନ୍ଦୁଆ ମଧ୍ୟରୁ ମା' ବିମଳା, ମା' ବିମଳାଙ୍କ ପ୍ରତିନିଧି ଭାବେ ଶ୍ରୀକ୍ଷେତ୍ରରେ ପୂଜିତ ମା' କାକୁଡି ଖାଇ, ମା' ଦକ୍ଷିଣ କାଳୀଙ୍କ ସମେତ ଶ୍ରୀମନ୍ଦିର ପରିସରରେ ଥିବା ପାର୍ଶ୍ୱଦେବୀ ଏବଂ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ସହ ଥିବା ଦେବୀମାନଙ୍କୁ ଏହି ଚାନ୍ଦୁଆ ପ୍ରଦାନ କରାଯାଇଥାଏ। ତେବେ ଏହି ଚାନ୍ଦୁଆଗୁଡିକ ନୂଆ କନାରେ ନିର୍ମିତ ହୋଇ ନ ଥାଏ। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ରଥରେ ଲାଗି ହୋଇଥିବା ରଥ କନାରେ ଏହି ଚାନ୍ଦୁଆଗୁଡିକ ତିଆରି ହୋଇଥାଏ ବୋଲି ଦରଜି ସେବକ ପ୍ରକାଶ ମହାପାତ୍ର ସୂଚନା ଦେଇଛନ୍ତି।

# ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ସଭାପତି

## ରାଜ୍ୟସ୍ତରୀୟ ନୀଳାଦ୍ରି ଟ୍ରଷ୍ଟର ନୂତନ କର୍ମକର୍ତ୍ତା

ପୁରୀ ଅଫିସ,୨୬।୯

ରାଜ୍ୟର ଶ୍ରୀଜଗନ୍ନାଥ ଚେତନାଭିତ୍ତିକ ସଂଗଠନ ନୀଳାଦ୍ରି ଆଧାତ୍ମିକ ଟ୍ରଷ୍ଟର ଏକ ସ୍ୱତନ୍ତ୍ର ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ଆଗାମୀ ୩ ବର୍ଷ ପାଇଁ ନୂତନ କାର୍ଯ୍ୟକାରୀ କମିଟି ଓ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ତଥା ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର ସଭାପତି ରୂପେ ମନୋନୀତ ହୋଇଥିବା ବେଳେ ବରିଷ୍ଠ ଜଗନ୍ନାଥ ସଂସ୍କୃତବିତ୍ ଗବେଷକ ଡ. ଭାସ୍କର ମିଶ୍ରଙ୍କୁ ସାଧାରଣ ସମ୍ପାଦକ ରୂପେ ମନୋନୟନ କରାଯାଇଛି। ସେହିପରି ଆଧ୍ୟାତ୍ମବାଦୀ ତଥା ସଂଗଠକ ରାଧାବଲ୍ଲଭ ସିଂହ, ଇଂ. ପ୍ରଶାନ୍ତ ଆଚାର୍ଯ୍ୟ, ପ୍ରଫେସର ମାନସ ମଲ୍ଲିକ, ଆଡଭୋକେଟ ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ଉପଦେଷ୍ଟା ରୂପେ ଗ୍ରହଣ କରାଯାଇଛି। ଟ୍ରଷ୍ଟର ଅନ୍ୟତମ ନୂତନ କର୍ମକର୍ତ୍ତା ଭାବେ ବ୍ରାହ୍ମଣ ମହାସଭାର ଅଧ୍ୟକ୍ଷ ଇଂ. ରବିନାରାୟଣ ମହାପାତ୍ର ଓ ଶିଳ୍ପୋଦ୍ୟୋଗୀ ରମେଶ ଚନ୍ଦ୍ର ପାଢୀଙ୍କୁ ଉପସଭାପତି ଭାବେ ମନୋନୟନ କରାଯିବା ସହ ସଂଗଠନ ସମ୍ପାଦକ ଭାବେ ବରିଷ୍ଠ ସାମାଜିକ କର୍ମୀ ନନ୍ଦକିଶୋର ଜେନା, କାର୍ଯ୍ୟାଳୟ ସମ୍ପାଦକ ରୂପେ ସାହିତ୍ୟିକ କୃଷ୍ଣଚନ୍ଦ୍ର ରଥ, କୋଷାଧ୍ୟକ୍ଷ ଶ୍ରୀମନ୍ଦିର ବଡୁ ସୁଆର ନିଯୋଗର ସଭାପତି ବିଶ୍ୱନାଥ ସାମନ୍ତରା ଓ କାର୍ଯ୍ୟକାରୀ କମିଟିରେ ସେବକ ବିଜୁ ମହାପାତ୍ର, ରବିନାରାୟଣ ମହାନ୍ତି, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁଧାଂଶୁ ରଞ୍ଜନ ପ୍ରଧାନ, ରାଧାନାଥ ପ୍ରତିହାରୀ ପ୍ରମୁଖଙ୍କୁ ଚୟନ କରାଯାଇଛି। ଟ୍ରଷ୍ଟର ନିଷ୍ପତ୍ତି ଅନୁଯାୟୀ କୋଭିଡ୍ କଟକଣା ଉଠିବା ପରେ ଭୁବନେଶ୍ୱରରେ ନାଗାର୍ଜୁନ ବେଶ ପ୍ରଦର୍ଶନୀ, ଶ୍ରୀମନ୍ଦିର ସେବକମାନଙ୍କ ଦିବ୍ୟ ଅନୁଭୂତି ସମ୍ବନ୍ଧୀୟ ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ବଟି ମାଗିବା ଅଭିଯୋଗ, ୫ ଗିରଫ

## ୨ ଭୁଜାଲି, ୧୧୦୦ଟଙ୍କା ଜବତ

ପୁରୀ ଅଫିସ,୨୬।୯

ଦାଦାବଟି ଆଦାୟ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ତିଆଡି ସାହି ବାଲି ଉପରର ଲୋକନାଥ ମଲ୍ଲିକ, ସତ୍ୟପ୍ରକାଶ ମଲ୍ଲିକ, ସିଟି ରୋଡ ଶାନ୍ତିକୁଞ୍ଜ ଲେନ୍‌ର କାହ୍ନୁଚରଣ ନାୟକ ଏବଂ ବଳିଆପଣ୍ଡା ଥାନା ଅନ୍ତର୍ଗତ ଧୋବାଖାଲ ଅଞ୍ଚଳର ସୁନୀଲ ଦୀକ୍ଷିତ। ସେମାନଙ୍କଠାରୁ ଗୋଟିଏ ଭୁଜାଲି, ଗୋଟିଏ ଜିଆଇ ପାଇପ୍ ଏବଂ ୪୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ.୨୦୫/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ସକାଳେ ଥାନାର ଏଏସ୍‌ଆଇ ବିଜୟ କୁମାର ମହାପାତ୍ର କେତେଜଣ ପୋଲିସ କର୍ମଚାରୀଙ୍କ ସହ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଚୈତନ୍ୟ ଛକ ନିକଟରେ କେତେଜଣ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ର ଦେଖାଇ ସ୍ଥାନୀୟ ଅଞ୍ଚଳରେ ବଟି ମାଗୁଥିବା ଖବରପାଇ ଥିଲେ। ପରେ ସେହି ଅଞ୍ଚଳରେ ଚଢାଉ କରି ଚାରି ଜଣଙ୍କୁ ଗିରଫ କିରି ଥାନାକୁ ଆଣିବା ସହ କୋର୍ଟ ଚାଲାଣ କରିଛି। ସେହିପରି ସଦର ଥାନାର ଏସ୍‌ଆଇ ଶିବାଶିଷ ଦାସ ମଧ ପାଟ୍ରୋଲି କରୁଥିବା ସମୟରେ ଅର୍ବାନ ଛକ ନିକଟରେ ଜଣେ ବ୍ୟକ୍ତି ବଟି ଆଦାୟ କରୁଥିବା ଖବର ପାଇ ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲେ। ଅଭିଯୁକ୍ତକୁ ଗିରଫ କରି ଥାନାକୁ ଆଣି ପଚରାଉଚରା କରିଥିଲେ। ସେ ହେଲେ ସଦରଥାନ ଅନ୍ତର୍ଗତ ଅଠରନଳାର କାହ୍ନା ବାରିକ। ପୋଲିସ ତାଙ୍କଠାରୁ ଗୋଟିଏ ଭୁଜାଲି ସହ ନଗଦ ୭୦୦ ଟଙ୍କା ଜବତ କରିଥିଲା। ଏ ନେଇ ପୋଲିସ ନଂ. ୨୦୬/୨୧ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।


ଗିରଫ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ ।

# ଚୋରି ସାମଗ୍ରୀ ଜବତ, ୫ ଗିରଫ

ଗୋପ,୨୬।୯(ଡି.ଏନ୍.ଏ.)

କିଛି ଦିନ ଧରି ଗୋପ ଥାନା ଅଞ୍ଚଳରେ କ୍ରମାଗତ ବିଭିନ୍ନ ସ୍ଥାନରୁ ଚୋରି ହେଉଥିଲା । ବିଶେଷ ସୂତ୍ରରୁ ଚୋରି ସାମଗ୍ରୀ ରଖାଯାଇଥିବା ପୋଲିସ ଖବର ପାଇଥିଲା। ଶନିବାର ରାତିରେ ପୋଲିସ ଏହି ଥାନା ଅଧୀନ ବିଭିନ୍ନ ଗ୍ରାମରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଶିଶୋ ଗ୍ରାମର ସଞ୍ଜୟ ଭଞ୍ଜଙ୍କ ସହ ଚୋରି ଜିନିଷ ରଖିଥିବା ଗଳଦରି ଗ୍ରାମର ସିତେନ ସ୍ୱାଇଁ, ଶିଶୋ ଗ୍ରାମର ସୁକାନ୍ତ ଭଞ୍ଜ, ତୋଫାନ ବାରିକ ଓ ଜିତେନ୍ଦ୍ର ଭଞ୍ଜ। ଗତ ୧୩ ତାରିଖରେ ଗଣେଶ୍ୱରପୁର ବଜାରରେ ଗ୍ରସେରି ଦୋକାନ କରିଥିବା ରବି ନାୟକଙ୍କ ଦୋକାନରୁ ଚୋରି ହୋଇଥିଲା। ଦେକାନୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୪୫୦/୨୧ ରୁଜୁ କରି ତଦନ୍ତ ଚଳାଇଥିଲା।

# ସାହିତ୍ୟର ମାର୍ଗଦର୍ଶନ ହିଁ ସମାଜର ପଥ ପ୍ରଦର୍ଶକ

ପୁରୀ ଅଫିସ,୨୬।୯

ସୃଜନୀ ସାହିତ୍ୟ ସଂସଦର ପଞ୍ଚମ ବାର୍ଷିକ ଉତ୍ସବ ରବିବାର ଜଳସେଚନ ବିଭାଗର ମଙ୍ଗଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ସଂସଦର ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସୂଚନା ଅଧିକାର ଆଇନ ଓଡ଼ିଶାର ରେଜିଷ୍ଟ୍ରାର ମାନସ ରଞ୍ଜନ ମିଶ୍ର ଯୋଗଦେଇ କହିଥିଲେ, ସମାଜର ହିତପାଇଁ ସାହିତ୍ୟର ସୃଷ୍ଟି। ସାହିତ୍ୟର ମାର୍ଗଦର୍ଶନ ସମାଜକୁ ସଂସ୍କାରିତ କରିବାରେ ସହଯୋଗ କରିଥାଏ। ଓଡ଼ିଶାର ଦିବଂଗତ ବରପୁତ୍ର ଯଥା ଭୀମ ଭୋଇ, ଫକୀରମୋହନ ସେନାପତି, ମଧୁସୂଦନ ରାଓ, ଗୋପବନ୍ଧୁ ଦାସ ଏବଂ ଆଚାର୍ଯ୍ୟ ହରିହର ଦାସଙ୍କ ସାହିତ୍ୟ ଓ ସୃଷ୍ଟି ଏବେ ମଧ ଆମକୁ ଅନୁପ୍ରାଣୀତ କରୁଛି। ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲା ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ଦାସ ଯୋଗଦେଇ ଆଧୁନିକ ସାହିତ୍ୟର ଦୃଷ୍ଟିଭଙ୍ଗୀକୁ ନେଇ ଯୁବ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଭାବେ ସଂସଦର ଉପଦେଷ୍ଟା ଡ.ରମାକାନ୍ତ କର ଓ ଶିକ୍ଷାବିତ୍ ବିଜୟ ଚରଣ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ସଂସଦର ସମ୍ପାଦିକା ହେମାଙ୍ଗିନୀ ମହାନ୍ତି ବିବରଣୀ ପାଠ ଓ ଯୋଗେଶ୍ୱର ପ୍ରହରାଜ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ ଡ.ବଳରାମ ଦାସ, ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଆଇନଜୀବୀ ରତିକାନ୍ତ ପ୍ରତିହାରୀ, ଶିକ୍ଷାବିତ୍ ଅଶୋକ ମହାପାତ୍ର, ଭାଗୀରଥି ମହାନ୍ତି, ଅଧ୍ୟାପକ ମୀନକେତନ ପଟ୍ଟଯୋଶୀ, ଲେଖକ ରାଧାକୃଷ୍ଣ ପ୍ରଧାନୀ, ଗୋଲକ ଚନ୍ଦ୍ର ଜେନା, ଚାରୁଲତା ମିଶ୍ର, ଦାଶରଥି ମହାପାତ୍ର, ଜୁପିଟର ଦାସ, ଭବାନୀ ପ୍ରସାଦ ବଳିଆର ସିଂ, ନୃସିଂହ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଅଞ୍ଜନ ଗାଙ୍ଗୁଲି ଧନ୍ୟବାଦ ଦେଇଥିଲେ।


ସମାରୋହରେ ଯୋଗଦେଇଥିବା ଅତିଥିମାନେ ।

# ଉଚ୍ଛେଦ ପରେ କଞ୍ଚାମାଲ ବେଆଇନ ଭାବେ ସ୍ଥାନାନ୍ତର

## କଞ୍ଚାମାଲ ନେବାର ଭିଡିଓ ଭାଇରାଲ୍

ପୁରୀ ଅଫିସ,୨୬।୯:

ଶ୍ରୀମନ୍ଦିର ଐତିହ୍ୟ କରିଡ଼ର ଯୋଜନାରେ ୭୫ ମିଟର ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ତେବେ ଉଚ୍ଛେଦ ହେବା ପରେ ବାହାରୁଥିବା ଭଙ୍ଗା ଇଟା, ଛଡ଼ ଇତ୍ୟାଦି ବେଆଇନ ଭାବେ ଉଠାଇ ନିଆଯାଉଥିବା ଅଭିଯୋଗ ହୋଇଛି। ରାତିତମାମ୍ ଉଚ୍ଛେଦ ପରେ ପଡ଼ିରହିଥିବା ଭଗ୍ନାଂଶକୁ ଟ୍ରାକଟର ଯୋଗେ ଗାଣ୍ଡୁଆଚଉରା ଛକରୁ ଲୋକନାଥ ରୋଡ୍ ମାର୍ଗ ଦେଇ ବାହାରକୁ ନିଆଯାଉଛି। ଅଭିଯୋଗକାରୀ ସୁବ୍ରତ କୁମାର ଦାସଙ୍କ କହିବା ଅନୁଯାୟୀ, ସରକାରୀ ଅଧିକୃତ ଅଞ୍ଚଳରୁ ଏଭଳି କଞ୍ଚାମାଲ୍ ଉଠାଇ ନିଆଯାଇ ବେସରକାରୀ ଜମି ପୋତା ଯାଉଛି। ଏ ନେଇ ବେସରକାରୀ ଜମି ମାଲିକମାନେ ପ୍ରଶାସନକୁ ମୋଟା ଅଙ୍କର ଟଙ୍କା ଦେଉଛନ୍ତି। ନିଲାମ ଉଦ୍ଦେଶ୍ୟରେ ଥିବା ଏହି କଞ୍ଚାମାଲ୍‌କୁ କାହା ଅନୁମତିରେ ବିକ୍ରି କରାଯାଉଛି ଓ କାହା ନିର୍ଦ୍ଦେଶରେ ଏଭଳି ଅନିୟମିତତା ଚାଲିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସୁବ୍ରତ ପୂର୍ବରୁ ମଧ ଐତିହ୍ୟ କରିଡର ପାଇଁ ଉଚ୍ଛେଦ ପରେ ଲୁହା ରଡ୍ ଭଳି କଞ୍ଚାମାଲ୍‌କୁ ବେଆଇନ ଭାବେ ବିକ୍ରି କରାଯାଇଥିବା ଅଭିଯୋଗ ଆଣି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ହେଲେ ଏବେ ମଧ ସେହିଭଳି ପୁଣିଥରେ କଞ୍ଚାମାଲ୍ ଚୋରି ହେବାରେ ଲାଗିଛି। ଉଲ୍ଲେଖଯୋଗ୍ୟ, ଶନିବାର ରାତିରେ ଟ୍ରାକ୍ଟରରେ ମାଟି ବୁହା ହୋଇ ଲୋକନାଥ ରୋଡ୍ ମାର୍ଗ ଦେଇ ଯିବାର ଭିଡିଓ ସାମ୍ନାକୁ ଆସିଛି। ଲଗାତର ୮ରୁ ୧୦ ଟ୍ରାକ୍ଟରରେ କଞ୍ଚାମାଲ୍ ବୁହା ହୋଇ ଯାଉଥିବାର ଦେଖିବାକୁ ମିଳିଛି। ସେହିଭଳି ଭିଡିଓରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ, କିଛି ନମ୍ବରବିହୀନ ଟ୍ରାକ୍ଟରରେ ଇଟା ଓ ମାଟି ବୁହା ହୋଇଛି। ଅନ୍ୟପକ୍ଷରେ ଏ ନେଇ ପ୍ରଶାସନିକ ଅନୁମତି ରହିଛି କି ନାହିଁ ସେ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁଙ୍କୁ ଯୋଗାଯୋଗ କରିବାରେ କହିଛନ୍ତି, ଜଗନ୍ନାଥ ବସ୍ତିରେ ବର୍ଷା ଜଳ ପଶି ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ସେଠାରେ ମାଟି ପକାଇବା ପାଇଁ କଞ୍ଚାମାଲ୍ ଯାଉଛି। ସେହିଭଳି ଲୋକନାଥ ମନ୍ଦିର କାର୍ଯ୍ୟ ପାଇଁ ମଧ ଇଟା ଓ ମାଟି ଇତ୍ୟାଦି ଦରକାର ପଡୁଛି। ସଂପୃକ୍ତ ସ୍ଥାନକୁ ବୁହା ହେଉଛି।

